## ସଂକ୍ଷେପରେ

### ଟ୍ରେନ୍‌ରେ ଶିକ୍ଷୟିତ୍ରୀଙ୍କଠାରୁ ଲୁଟ୍

ରୂପ୍‌ସା,୨୫।୧୨(ଡି.ଏନ.ଏ.)- ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଙ୍ଗୋ ପଞ୍ଚାୟତର ଜଣେ ଶିକ୍ଷୟିତ୍ରୀ ତାଙ୍କ ସ୍ୱାମୀ ଓ ୨ ବର୍ଷର ଶିଶୁପୁତ୍ର ସହ ମଙ୍ଗଳବାର ପୁରୀରୁ ଜଗନ୍ନାଥ ଏକ୍ସପ୍ରେସ୍ ଟ୍ରେନ୍‌ରେ ରୂପ୍‌ସା ଷ୍ଟେଶନ ଆସୁଥିବାବେଳେ ତାଙ୍କ ଭ୍ୟାନିଟ ବ୍ୟାଗ୍ ସହ ଦାମୀ ମୋବାଇଲ, ୩ହଜାର ଟଙ୍କା ଓ କେତେକ କାଗଜପତ୍ର ଲୁଟ୍ ହୋଇଥିବା ଅଭିଯୋଗ କରିଛନ୍ତି। ସେ ସଂରକ୍ଷିତ ବଗିରେ ଆସୁଥିଲେ। ଯାଜପୁର ଷ୍ଟେଶନ ନିକଟରେ ଦୁର୍ବୃତ୍ତମାନେ ତାଙ୍କ ଭ୍ୟାନିଟ ବ୍ୟାଗ ଲୁଟ୍ କରି ଚମ୍ପଟ ମାରିଥିଲେ। ପରେ ଖୋଜାଖୋଜି କରିବାରୁ ଟ୍ରେନ୍ ବାଥରୁମ୍‌ରୁ କେବଳ ଭ୍ୟାନିଟ ବ୍ୟାଗ ମିଳିଥିଲା। ସେଥିରେ ଆଉ କିଛି ନ ଥିଲା। ଏଥିରୁ ଟ୍ରେନ୍‌ରେ ଆସୁଥିବା ଯାତ୍ରୀମାନେ କେତେ ସୁରକ୍ଷିତ ସେ ନେଇ ରେଳଯାତ୍ରୀମାନେ ପ୍ରଶ୍ନ ଉଠାଇଛନ୍ତି।

### ପ୍ରେମ ପ୍ରତାରଣା: ନ୍ୟାୟ ପାଇଁ ଯୁବତୀ ଥାନାର ଦ୍ୱାରସ୍ଥ

ସଜନାଗଡ଼,୨୫।୧୨(ଡି.ଏନ.ଏ.)- ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଜଣେ ଯୁବତୀ ନ୍ୟାୟ ପାଇଁ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତ୍ୱ ଦେଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ନୀଳଗିରି ଥାନାଧିକାରୀ ମିନତି ବିଶ୍ୱାଳ ସୂଚନା ଦେଇଛନ୍ତି । ପୀଡିତା ଯୁବତୀଙ୍କ ଘର ମୟୂରଭଞ୍ଜ ଜିଲାରେ । ସେ ମହିସାପଟା ଅଞ୍ଚଳରେ ରହି କାମଧନ୍ଦା କରି ଚଳୁଥିଲେ। ପ୍ରତାରଣାର ଶିକାର ହୋଇଥିବା ଏହି ଯୁବତୀ ବଳାତ୍କାରର ଶିକାର ହୋଇ ଗର୍ଭବତୀ ଥିବା ଦର୍ଶାଇଛନ୍ତି।

### ୨୩ରେ ବାର୍ଷିକ ଉତ୍ସବ

ସୋର,୨୫।୧୨(ଡି.ଏନ.ଏ.)- ବାଲେଶ୍ୱର ଜିଲା ସୋର ବ୍ଲକ ଅନ୍ତର୍ଗତ ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ ମଙ୍ଗଳପୁରର ପୁରାତନ ଛାତ୍ର ସଂସଦ ତରଫରୁ ଆସନ୍ତା ୨୩ ତାରିଖରେ ବାର୍ଷିକ ଉତ୍ସବ ପାଳନ କରାଯିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର ସଂସଦର ସ୍ଥାୟୀ ସଭାପତି ଶ୍ରୀଧର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଛାତ୍ର ସଂସଦର ସମ୍ପାଦକ ମୁରଲୀ ଧର ପାଢ଼ୀ, ସଂଯୋଜକ ମଧୁସୂଦନ ବେହେରା, ପୁରାତନ ଛାତ୍ର ସୁନୀଲ ବିଶ୍ୱାଳ, ପ୍ରମୋଦ ସାହୁ, ବଂଶୀଧର ଦାସ, ସୁଧାକର ବାରିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

### ରୂପଖଣ୍ଡ ଝାଉଁଜଙ୍ଗଲରେ ବନ୍ଧୁମିଳନ

ବାହାନଗା,୨୫।୧୨(ଡି.ଏନ.ଏ.)-ବୁଧବାର ବଡଦିନ ପାଳନ ଅବସରରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଭଣା ଗ୍ରାମର ଥିବା ଉଚ୍ଚ ବିଦ୍ୟାଳୟର ପୂରାତନ ଛାତ୍ରୀଛାତ୍ର ଓ ଶିକ୍ଷକ ବେଳାଭୂମି ରୂପଖଣ୍ଡ ଝାଉଁଜଙ୍ଗଲ ମଧରେ ଆୟୋଜିତ ବନ୍ଧୁମିଳନ ଉତ୍ସବରେ ଏକାଠି ହୋଇଥିଲେ। ସଭାରେ ୧୨ ପୂର୍ବତନ ଶିକ୍ଷକଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତିତ୍ୱ କରିଥିଲେ ଅଭଣା ଉଚ୍ଚ ବିଦ୍ୟାଳୟର ପୁରାତନ ଶିକ୍ଷକ ପଣ୍ଡିତ କୌଳାସ ଚନ୍ଦ୍ର ଦାସ । ଅତିଥି ଭାବେ ପୁରାତନ ଶିକ୍ଷକ ଭାଗୀରଥି ରାଉତ, ହରୀହର ତ୍ରିପାଠୀ, ଜଦୁନ୍ ତ୍ରିପାଠୀ, ପୁରୁଷୋତ୍ତମ ରାଉତ, ରମେଶ ଚନ୍ଦ୍ର ମହାପାତ୍ର, ଶ୍ରୀଧର ନାୟକ, ସୀତାନାଥ ଦାସ,ରମାକାନ୍ତ ଦାଶ,ଗଣନାଥ ତ୍ରିପାଠୀ, ଶରତ ଚନ୍ଦ୍ର ପତି ଓ ନାରାୟଣ ଦାସ ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ଅତିଥି ପରିଚୟ ପ୍ରଦାନ କରିଥିଲେ ପୁରାତନ ଛାତ୍ରୀ ଶୈଳବାଳା ପଣ୍ଡା ଓ ଛାତ୍ର କ୍ଷୀରୋଦ ତ୍ରିପାଠୀ। ୧୯୮୮ ମସିହା ବ୍ୟାଚର ପାଶ୍ ଆଉଟ୍ ଛାତ୍ରୀଛାତ୍ର ଓ ପୂର୍ବତନ ଶିକ୍ଷକ ଏଥିରେ ସାମିଲ ହୋଇଥିଲେ।

### ଜାତୀୟ ଉପଭୋକ୍ତା ଦିବସ ପାଳନ

ବାଲେଶ୍ୱର ଅଫିସ,୨୫।୧୨- ସ୍ଥାନୀୟ ସଦ୍‌ଭାବନା ଗୃହରେ ଜିଲାପ୍ରଶାସନ ଓ 'ଭରସା' ଅନୁଷ୍ଠାନର ମିଳିତ ସହଯୋଗରେ ମଙ୍ଗଳବାର ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାସ ନିଆଲ ମୁଖ୍ୟଅତିଥି, ଓଜନ ଓ ମାପ ତଥା ବୈଧ ବିଭାଗର ସହକାରୀ ନିୟନ୍ତ୍ରକ ପ୍ରଦୀପ୍ତ ମହାପାତ୍ର ମୁଖ୍ୟବକ୍ତା ଏବଂ ଅତିରିକ୍ତ ଯୋଗାଣ ଅଧିକାରୀ ଅନାଦୀ ଚରଣ ସେଠୀ, ଜିଲା ଖାଉଟି ସୁରକ୍ଷା ପରିଷଦର ସଭ୍ୟ ଲକ୍ଷ୍ମୀ ନାରାୟଣ ମହାନ୍ତି, ଜିଲା ଖାଉଟି ବିବାଦ ସମାଧାନ ପୀଠର ସଭ୍ୟା ସୁରଭି ସୁର, ଆଇନଜୀବୀ ବିକାଶ ଜେନା ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଖାଉଟି ସୁରକ୍ଷା ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଭରସା ଅନୁଷ୍ଠାନର ମୁଖ୍ୟ ଯାଦବେଶ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଜିଲା ଖାଉଟି ସୁରକ୍ଷା ପରିଷଦର ସଦସ୍ୟ ଧ୍ରୁବଚରଣ ନାୟକ, ମମତା ଦାସ, ରତିକାନ୍ତ ପାତ୍ର, ସୁଜାତା ରାଣୀ ସିଂହଙ୍କୁ ସାର୍ଟିଫିକେଟ୍ ଓ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ବିପଦସଙ୍କୁଳ ଘରେ ଚାଲିଛି ପାଠପଢ଼ା

ଜଳେଶ୍ୱର,୨୫।୧୨(ସ୍ୱ.ପ୍ର)



ଅସୁରକ୍ଷିତ ଶ୍ରେଣୀ ଗୃହ।

- ଭିତ୍ତିଭୂମି ଅଭାବରୁ ପ୍ରାଥମିକ ଶିକ୍ଷା ବିପର୍ଯ୍ୟସ୍ତ
- ସର୍ବଶିକ୍ଷା ଯୋଜନାରେ ନିର୍ମିତ ଶ୍ରେଣୀଗୃହ ଅଧାପନ୍ତରିଆ
- ବେଞ୍ଚ ଡେସ୍କ ନ ଥିବାରୁ ତଳେ ବସୁଛନ୍ତି ଛାତ୍ରୀଛାତ୍ର

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ ବର୍ତ୍ତନା ପଞ୍ଚାୟତର କସିଦା ଗାଁରେ ଗୋପୀନାଥ ଜୀୟୁ ନୋଡାଲ ଉପ୍ରା ବିଦ୍ୟାଳୟର ଭିତ୍ତିଭୂମି ବିକାଶ ନ ହେବାରୁ ପାଠପଢ଼ା ବ୍ୟାହତ ହେଉଛି। ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ଯାଏଁ ପାଠ ପଢ଼ା ଯାଉଥିବାବେଳେ ୩ଟି ଭଙ୍ଗା କୋଠରିକୁ ମିଶାଇ ୫ଟି ଶ୍ରେଣୀଗୃହ ରହିଛି। ଅଞ୍ଚଳବାସୀ ଆବଶ୍ୟକ ଶ୍ରେଣୀ ଗୃହ ନିର୍ମାଣ ଲାଗି ବହୁବର୍ଷ ଧରି ଦାବିକରି ନିରାଶ ହୋଇଛନ୍ତି। ୫ ଶିକ୍ଷକ ଥିଲେ ମଧ ଶ୍ରେଣୀଗୃହ ଅଭାବରୁ ଶିକ୍ଷାଦାନର ମାନ ବିପର୍ଯ୍ୟସ୍ତ ହେବାରେ ଲାଗିଛି।

ରାଜ୍ୟ ଓ କେନ୍ଦ୍ର ସରକାର ଗୁଣାତ୍ମକ ଶିକ୍ଷା ଲାଗି ଯୋଜନା କରୁଥିବା ବେଳେ ଭିତ୍ତିଭୂମି ଅଭାବ ଏଥିରେ କିଭଳି ଅନ୍ତରାୟ ସାଜିଛି ଏହି ବିଦ୍ୟାଳୟ ତାହାର ଏକ ନମୁନା ବୋଲି ଅଭିଭାବକମାନେ ଦର୍ଶାଇଛନ୍ତି। ଅନ୍ୟପକ୍ଷେ ୩ଟି କୋଠରି ଜରାଜୀର୍ଣ୍ଣ ହୋଇ ବିପଦସଙ୍କୁଳ ହୋଇ ପଡିଥିବାରୁ ସେଠାରେ ପିଲାଙ୍କୁ ବସାଇ ପାଠ ପଢ଼ାଇବାକୁ ନିରାପଦ ମନେ କରାଯାଉ ନାହିଁ । ଏହି କୋଠରିର ସ୍ଥାନେ ସ୍ଥାନେ ତାହା ଉଇ ଚରି ଯାଇଥିବାବେଳେ ଆଉ କେତେକ ସ୍ଥାନରେ ଆଜବେଷ୍ଟସ୍ ଭାଙ୍ଗି ଓହଳି ରହିଛି। ଏଣୁ ପିଲାଙ୍କୁ ପାଠ ପଢ଼ାଇବା ଲାଗି ଆଜବେଷ୍ଟ ଛାଉଣି ବାରଣ୍ଡା ସାହା ପାଲଟିଛି। ସେହିପରି ନିକଟରେ ଥିବା ଭଙ୍ଗା ଟାଇଲ ଘରେ ମଧ୍ୟାହ୍ନଭୋଜନ ରାନ୍ଧିବାକୁ ପଡୁଛି। ସେହି ଘରେ ଭଙ୍ଗା କାଠ, ବାଉଁଶ, ଟାଇଲ ଓ ପୁରୁଣା ଆସବାବପତ୍ର, ଅସୁରକ୍ଷିତ ଅବସ୍ଥାରେ ପଡ଼ି ରହିଛି। ଶ୍ରେଣୀ ଗୃହରେ ଲମ୍ୱା କାଠଦ୍ୱାରା ଓ ଇଟା ପିଲର ଦ୍ୱାରା ଆଜବେଷ୍ଟସ୍‌କୁ ବିପଜ୍ଜନକ ଅବସ୍ଥାରେ ରଖାଯାଇଛି। ବେଞ୍ଚ ଡେସ୍କ ନ ଥିବାରୁ ଛାତ୍ରୀଛାତ୍ର ତଳେ ବସିବାକୁ ବାଧ ହେଉଛନ୍ତି। ବିଦ୍ୟାଳୟ ପରିସରରେ ଥିବା ଏକ ନଳକୂଅରୁ ଛାତ୍ରୀଛାତ୍ର ପିଇବାପାଣି ସଂଗ୍ରହ କରୁଛନ୍ତି। କିନ୍ତୁ ମଧ୍ୟାହ୍ନଭୋଜନ ବାସନ ଧୋଇବାକୁ ବିଦ୍ୟାଳୟ ବାହାରେ ଥିବା ଏକ ପୋଖରୀକୁ ବ୍ୟବହାର କରାଯାଉଛି। ବିଦ୍ୟାଳୟକୁ ଏଯାଏ ବିଦ୍ୟୁତ୍ ଯୋଗାଣ ହୋଇ ନାହିଁ। ସର୍ବଶିକ୍ଷା ଯୋଜନାରେ ୨୦୧୧ରେ ଏକ ଶ୍ରେଣୀଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲେ ବି ଅଦ୍ୟାବଧି ତାହା ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି। ଏ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୀତା ହାଁସଦାଙ୍କୁ ପଚାରିବାରୁ ଶ୍ରେଣୀଗୃହ ଅଭାବ ସମ୍ପର୍କରେ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇ ଆସୁଥିବା କହିଛନ୍ତି।

# 'ଗୁଣାତ୍ମକ ଶିକ୍ଷା ଓ ନୈତିକତା ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ କରେ'

ବାଲେଶ୍ୱର ଅଫିସ,୨୫।୧୨-

ବାଲେଶ୍ୱର ସହର ଖପରାପଦାସ୍ଥ ଦେବର୍ଷି ଶିକ୍ଷା ନିକେତନର ଅଷ୍ଟାଦଶ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣୀ ସମାରୋହ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ମେଜର ପ୍ରଫେସର ଗୌରଶ୍ୟାମ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧକ୍ଷ ଭାଗବତ ଚନ୍ଦ୍ର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧମ ଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଗୁଣାତ୍ମକ ଶିକ୍ଷା ଓ ନୈତିକତା ଛାତ୍ରମାନଙ୍କୁ ଶୃଙ୍ଖଳିତ କରିପାରିବ। ଏ ନେଇ ସେ ବିଭିନ୍ନ ଉଦାହରଣ ଦେଇ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

ଉତ୍ସବର ମୁଖ୍ୟବକ୍ତା ଶିକ୍ଷକ ନାରାୟଣ ଦାଶ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟ ଗଠନ ଲାଗି ଅଭିଭାବକମାନେ ସଚେତନ ହେବା ଆବଶ୍ୟକ ବୋଲି ମତ ଦେଇ ଶିକ୍ଷକମାନେ ମାତାପିତାଙ୍କ ଭଳି ଦିଗ୍‌ଦର୍ଶନ ଦେବା ଉଚିତ ବୋଲି କହିଥିଲେ। ସମ୍ମାନନୀୟ ଅତିଥି ଭାବେ ସଦର ବିଧାୟକ ମଦନ ମୋହନ ଦତ୍ତ, ସଦର ବ୍ଲକ ଶିକ୍ଷାଧିକାରିଣୀ କବିତା ଜେନା, ଡିଆରଡିଓର ବୈଜ୍ଞାନିକ ରତ୍ନାକର ଏସ୍. ମହାପାତ୍ର, ଖବରଦାତା ବ୍ରହ୍ମାନନ୍ଦ ରଥ, ଅବସରପ୍ରାପ୍ତ ଶିକ୍ଷକ ଗଦାଧର ପ୍ରଧାନ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ଗୁଣାତ୍ମକ ଶିକ୍ଷା ଲାଭର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଛାତ୍ରୀଛାତ୍ର ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ସମାଜସେବୀ ଶରତ ଚନ୍ଦ୍ର ଦାସଙ୍କୁ ମାନପତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ରବି ନାରାୟଣ ପଣ୍ଡାଙ୍କୁ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନେ ଯୋଗ୍ୟ ବିବେଚିତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ପୌରାଣିକ ନାଟକ 'ଧର୍ମ ବିପ୍ଳବ' ମଞ୍ଚସ୍ଥ ହୋଇଥିଲା।

# ଚିତ୍ର ପ୍ରତିଭା ଦେଖାଇଲେ ୧୫ ବରିଷ୍ଠ ଶିଳ୍ପୀ




ଚିତ୍ରଶିଳ୍ପୀ ଶିବିରରେ ମଞ୍ଚାସୀନ ଅତିଥି।

ବାଲେଶ୍ୱର ଅଫିସ,୨୫।୧୨-

ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟର ରଜତ ଜୟନ୍ତୀ ଉପଲକ୍ଷେ ଓଡ଼ିଶା ଲଳିତ କଳା ଏକାଡେ଼ମୀ ତରଫରୁ ଚିତ୍ରଶିଳ୍ପୀ ଶିବିର ମହାବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ ଓଡ଼ିଶାର ୧୫ଜଣ ଲବ୍ଧ ପ୍ରତିଷ୍ଠିତ ବରିଷ୍ଠ ଶିଳ୍ପୀ ଯୋଗଦେଇ ଚିତ୍ରକଳା ଅଙ୍କନର କୌଶଳ ପ୍ରଦର୍ଶନ କରିଛନ୍ତି। ଏଥିରେ ଛାତ୍ରୀଛାତ୍ର ବହୁ ସଂଖ୍ୟାରେ ଯୋଗଦେଇ ଶିଳ୍ପୀମାନଙ୍କ ଚିତ୍ରାଙ୍କନ ଦେଖି ଅନୁପ୍ରାଣିତ ହୋଇଥିଲେ।

ବାଲେଶ୍ୱର ଆଇନ ମହାବିଦ୍ୟାଳୟର ଅଧକ୍ଷ ଡ. ରବିନାରାୟଣ ପଣ୍ଡା ଶିବିରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟର ଅଧକ୍ଷ ନିକୁଞ୍ଜ ବିହାରୀ ଦାସ ସଭାପତିତ୍ୱ କରିଥିଲେ। ମହାବିଦ୍ୟାଳୟର ଅଧାପକ ଶଶାଙ୍କ ଶେଖର ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ଅଧାପକ ସଙ୍ଗୀତ ସାମନ୍ତ ରାୟ, ବିଷ୍ଣୁପଦ ସେନାପତି, ସୁଧାଂଶୁ ଶେଖର ଜେନା, ଅଧାପିକା କଳ୍ପିତା ରାଣୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୬ ତାରିଖରେ ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟର ରଜତ ଜୟନ୍ତୀ ଉତ୍ସବରେ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ରାଜ୍ୟ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି ବୋଲି ଅଧକ୍ଷ ଦାସ ପ୍ରକାଶ କରିଛନ୍ତି।



ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି 'ଚାନ୍ଦିପୁର ଶୀତ ମହୋତ୍ସବ'। ଏଥିରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ବିଧାୟକ ଅରୁଣ ଦେ ଏବଂ ସୁବାସିନୀ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇଛନ୍ତି।

# ବାଜପେୟୀଙ୍କ ଜୟନ୍ତୀରେ 'ସୁଶାସନ ଦିବସ'

ବାଲେଶ୍ୱର ଅଫିସ/ଜଳେଶ୍ୱର, ୨୫।୧୨ (ଡି.ଏନ.ଏ.)- ଭାରତ ରତ୍ନ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ୯୫ତମ ଜୟନ୍ତୀକୁ ବୁଧବାର 'ସୁଶାସନ ଦିବସ' ରୂପେ ପାଳନ କରାଯାଇଥିଲା। ବାଲେଶ୍ୱର ଜିଲା ଭାଜପା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରି ବାଜପେୟୀଙ୍କ ଦୂରଦୃଷ୍ଟି ଓ ଶାସନ ସମୟର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଦର ବିଧାୟକ ମଦନ ମୋହନ ଦତ୍ତ ବାଜପେୟୀଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜିଲାସଭାପତି ଉମାକାନ୍ତ ମହାପାତ୍ର, ନଗର ସଭାପତି ଚିତ୍ତରଞ୍ଜନ ପଣ୍ଡା, ବିଭୁପଦ ଦାସ, ସୀତାକାନ୍ତ ସ୍ୱାଇଁ, କଲ୍ୟାଣ ରାୟ ମହାଶୟ, ଶୁଭଙ୍କର ମହାପାତ୍ର, ସତ୍ୟଜିତ ମିଶ୍ର, ସର୍ବେଶ୍ୱର ପାତ୍ର, ନିରଞ୍ଜନ ମହାନ୍ତି, ରବିନାରାୟଣ ମହାପାତ୍ର, ବୈଲୋଚନ ଦାସ, ଜିଲା ମିଡ଼ିଆ ପ୍ରମୁଖ ଗୌରାଙ୍ଗ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସୁଶାସନ ଦିବସ ପାଳନ ଉପଲକ୍ଷେ ଯୁବ ମୋର୍ଚ୍ଚା ଏବଂ ମହିଳା ମୋର୍ଚ୍ଚା ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ରାଧାକୃଷ୍ଣ ଦାସ, ବିବେକାନନ୍ଦ ରାଉତ, ବିକାଶ ପାଢ଼ୀ, ଧୀରଜ ମହାନ୍ତି, ଲୋକନାଥ ଭୂୟାଁ, ଶେଖ ହଲିମ, ପ୍ରତାପ ପ୍ରଧାନ, ଅରୁପ ଜେନା, ରଣଜିତ ପୃଷ୍ଟି, ସଂଯୁକ୍ତା ମହାପାତ୍ର, ସବିତା ପାଣିଗ୍ରାହୀ, ସସ୍ମିତା ଦାସ, ଅନିତା ଦାସ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଜଳେଶ୍ୱରରେ ଜୟନ୍ତୀ ପାଳିତ

ଜଳେଶ୍ୱର ସ୍ଥିତ ଶିଶୁଭବନ ପରିସରରେ ବୁଧବାର ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କର ଜନ୍ମ ଦିବସ ପାଳିତ ହୋଇଥିଲା। ବରିଷ୍ଠ ଭାଜପା ନେତା ଅରୁଣ କୁମାର ବେଜଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ଚାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଭାଜପା ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀ, ସମୀର କୁମାର ପାତ୍ର, ଶିଦ୍ଧାର୍ଥ ପାଳ, ସୁବ୍ରତ ଘୋଷ, ପ୍ରଣବ ପଣ୍ଡା, ଶାନ୍ତନୁ ପଟ୍ଟନାୟକ, ଅନନ୍ତ ଦାସ, ତପନ ବିଶ୍ୱାଳ, ପିନାକୀ ଚାଟାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଜଳେଶ୍ୱର ଜିକେ ଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା

# ସାମୁଦ୍ରିକ କଙ୍କଡ଼ାର ଚାହିଦା



ନଦୀ ମୁହାଁଣର ସାମୁଦ୍ରିକ କଙ୍କଡ଼ା।

ଜଳେଶ୍ୱର,୨୫।୧୨(ସ୍ୱ.ପ୍ର.)

ସୁବର୍ଣ୍ଣରେଖା ନଦୀ ମୁହାଁଣ ସାମୁଦ୍ରିକ କଙ୍କଡ଼ାର ଯଥେଷ୍ଟ ଚାହିଦା ରହିଛି। ବାଲିଆପାଳର ଡଗରା, ଚୌମୁଖ, ଭୋଗରାଇର କୀର୍ତ୍ତନିଆ ଅଞ୍ଚଳରୁ କଙ୍କଡ଼ା ଧରାଯାଇ ସ୍ଥାନୀୟ ହାଟବଜାରରେ ବିକ୍ରି କରାଯିବା ସହ ବାହାରକୁ ମଧ ଚାଲାଣ କରାଯାଏ। ଧାନ ପାଚିଲା ବେଳକୁ ଏକ ପ୍ରଜାତିର କଙ୍କଡ଼ା ଚାଷଜମି ହିଡ଼ରେ ଗାତ କରି ରହିଥାନ୍ତି। ଧାନକଟା ପରେ ଲୋକେ ମାଟିତାଡ଼ି ଏହି କଙ୍କଡ଼ାକୁ ଆଣି ବିକ୍ରି କରିଥାନ୍ତି। ଏସବୁ କଙ୍କଡ଼ାର ହାରାହାରି ଓଜନ ୫ଶହ ଗ୍ରାମ ପର୍ଯ୍ୟନ୍ତ ହୋଇଥାଏ। ବଜାରରେ ଏ ଧରଣର କଙ୍କଡ଼ାର ମୂଲ୍ୟ କିଲୋ ପ୍ରତି ୧୨ଶହ ଟଙ୍କାରେ ବିକ୍ରି ହେଉଛି। କେତେକ ଛୋଟ କଙ୍କଡ଼ା କିଲୋ ପ୍ରତି ୪୦୦ ଟଙ୍କାରେ ବିକ୍ରି ହେଉଥିବା ଦେଖାଯାଏ। ସାମୁଦ୍ରିକ କଙ୍କଡ଼ାଠାରୁ ଏହି ମାଟି ତଳେ ରହୁଥିବା କଙ୍କଡ଼ାର ଚାହିଦା ଅଧିକ ରହିଥିବା ବେପାରୀମାନେ କହିଛନ୍ତି।

ବିଜେଡି ପ୍ରତିଷ୍ଠା ଦିବସ ଅବସରରେ ଉଦଳା ନିର୍ବାଚନମଣ୍ଡଳୀର ସମସ୍ତ ଗୁରୁଜନ, ଭାଇଭଉଣୀ ଏବଂ ଦଳର ଶୁଭେଚ୍ଛୁଙ୍କୁ ଅଭିନନ୍ଦନ ।



ଶ୍ରୀନାଥ ସୋରେନ୍
ପୂର୍ବତନ ବିଧାୟକ, ଉଦଳା
ବିଜୁ ଜନତା ଦଳ

BABA POLY CLINIC
NEAR CENTRAL BANK, ASTAL, NAYA BAZAR, BHADRAK, ଯୋଗାଯୋଗ : 9778959141 / 9090785866

| | |
|---|---|
| DR. SABINA KAZI (Cuttack) | (ବରିଷ୍ଠ ମହିଳା ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଗୁରୁବାର ୧୧ଟାରୁ ଦିବା ୨ଟା |
| DR. MANAS RANJAN PUHAN (BBSR) | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପ୍ରତ୍ୟେକ ଶୁକ୍ରବାର ସକାଳ ୮ଟାରୁ ଦିବା ୧ଘଟିକା |
| DR. DIPTI BEHERA | (ବରିଷ୍ଠ ଚର୍ମ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ଦିନ ୧୨ଟା ରୁ ୧ଟା |
| DR. L.K. DAS (Cuttack) | (ବରିଷ୍ଠ ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ସପ୍ତାହ ଶନି, ରବି, ସୋମ ଏବଂ ମଙ୍ଗଳବାର (ସକାଳ ୧୦-୧ଟା) |
| DR. DEBAKANTA MISHRA (BBSR) | (ପେଟ ଓ ଲିଭର ବିଶେଷଜ୍ଞ), ପରାମର୍ଶ ସମୟ:ପ୍ରତ୍ୟେକ ମାସ ୨ୟ ଓ ୪ର୍ଥ ରବିବାର (ସକାଳ ୧୦-୧ଟା) |
| DR. AJIT KUMAR KAR (Cuttack) | (ଅସ୍ଥି ଶଲ୍ୟ ବିଶେଷଜ୍ଞ) ପରାମର୍ଶ ସମୟ:ପ୍ରତ୍ୟେକ ବୁଧବାର ସକାଳ ୧ଟା ରୁ ୨ଟା |

ବିଜୁ ଜନତା ଦଳର ୨୩ତମ ପ୍ରତିଷ୍ଠା ଦିବସ ଅବସରରେ ଭୋଗରାଇ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଅନେକ ଅନେକ ଶୁଭେଚ୍ଛା ।





ଅନନ୍ତ ଦାସ
ବିଧାୟକ (ଭୋଗରାଇ) ତଥା
ଜିଲ୍ଲା ଉନ୍ନୟନ କମିଟି ଅଧକ୍ଷ
ବାଲେଶ୍ୱର

# ମାଛଚାଷ କରିଛି ସ୍ୱାବଲମ୍ବୀ

ବାଲିଆପାଳ,୨୫।୧୨(ସ୍ୱ.ପ୍ର)

ବର୍ତ୍ତମାନ ସମୟରେ ଯୁବକମାନେ କୃଷି ଭିତ୍ତିକ କାର୍ଯ୍ୟଠାରୁ ଦୂରେଇ ଯାଉଥିବାବେଳେ ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ କଙ୍କଡ଼ାପାଳ ଗ୍ରାମର ଯୁବକ ଅଶୋକ କୁମାର ବାରିକ ଏକ ଭିନ୍ନ ବ୍ୟତିକ୍ରମ। ରିଲାଏନ୍ସ ଫାଉଣ୍ଡେଶନ ପରିଚାଳିତ ଦେୟମୁକ୍ତ ଫୋନ ଯୋଗେ ସେ ବିଶେଷଜ୍ଞଙ୍କ ଠାରୁ ମାଛ ଚାଷ ସମ୍ପର୍କରେ ସୂଚନା ସଂଗ୍ରହ କରି ନିଜ ଜମିର ପୋଖରୀରେ ମାଛ ଚାଷ ଆରମ୍ଭ କରିଥିଲେ। ଆଧୁନିକ କୌଶଳ ଓ ପଦ୍ଧତି ଅନୁସରଣ କରି ସେ ଏହି ଚାଷ କାର୍ଯ୍ୟ କରି ଆଜି ଆତ୍ମନିର୍ଭରଶୀଳ ହୋଇ ପାରିଛନ୍ତି। ଯୁବକମାନେ ଚାକିରି ପଛରେ ନ ଗୋଡ଼ାଇ କୃଷି ଓ ଆନୁଷଙ୍ଗିକ କୃଷି କାର୍ଯ୍ୟ କଲେ ଏହା ଆତ୍ମନିର୍ଭରଶୀଳ ହେବାର ବାଟ ଦେଖାଇବ ବୋଲି ସେ କହିଛନ୍ତି।

ଅଶୋକ କହିଛନ୍ତି, ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ମାଟ୍ରିକ ପାଠପଢ଼ା ସାରିବା ପରେ ଆଉ ଅଧିକ ପଢି ପାରି ନ ଥିଲେ। ତାଙ୍କ ଉପରେ ପରିବାରର ଭରଣପୋଷଣ ଦାୟିତ୍ୱ ପଡ଼ିଥିଲା। ଏଭଳି ସ୍ଥିତିରେ ସେ କିଭଳି ପରିବାର ପ୍ରତିପୋଷଣ କରିବେ ଭାବି ଭାବି କିଛି ବାଟ ପାଇ ନ ଥିଲେ। ଶେଷରେ ବାହାର ରାଜ୍ୟକୁ ଯାଇ ଚାକିରି କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ସମୟରେ ସେ ନିଜର ମନ ପରିବର୍ତ୍ତନ କରି ନିଜ ଜମିରେ ମାଛ ଚାଷ କରିବାକୁ ସ୍ଥିର କରିଥିଲେ। ଏହାପରେ ସେ ନିଜ ପୋଖରୀକୁ ମାଛଚାଷ ଉପଯୋଗୀ କରି ଏଥିରେ ଭାକୁଡ଼, ରୋହୀ ଓ ଅନ୍ୟ ପ୍ରକାରର ମାଛ ଚାଷ ଆରମ୍ଭ କରିଥିଲେ। ରିଲାଏନ୍ସ ଫାଉଣ୍ଡେଶନର ଜିଲା ସଂଯୋଜକ ଦିଲୀପ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ସେ ଯାଆଁଳ ଛାଡ଼ିବା ସାଙ୍ଗକୁ ମାଛଙ୍କ ପାଇଁ ଖାଦ୍ୟ ଏବଂ ରୋଗ ନିରାକରଣ ସମ୍ପର୍କରେ ଜ୍ଞାନ ଆହରଣ କରି ଏଥିରେ ସଫଳତା ଲାଭ କରିଛନ୍ତି। ବର୍ତ୍ତମାନ ମାଛ ଚାଷରୁ ସେ ବାର୍ଷିକ ୮୦ ହଜାରରୁ ଅଧିକ ଟଙ୍କା ରୋଜଗାର କରି ପାରୁଛନ୍ତି। ଏଣୁ ଆଗକୁ ମାଛଚାଷର ସମ୍ପ୍ରସାରଣ କରିବାକୁ ସେ ଯୋଜନା କରିଥିବା କହିଛନ୍ତି।

**ଜୀବନ ଜୀବିକା**



ମାଛ ଚାଷୀ ଅଶୋକ ବାରିକ।

## ସଂକ୍ଷେପରେ

### ଦୁର୍ଘଟଣାରେ ହୋମଗାର୍ଡ ମୃତ

**ବାରିପଦା ଅଫିସ,୨୫।୧୨-** ଡ୍ୟୁଟି ପରେ ଘରକୁ ଫେରିବା ବାଟରେ ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟି ଜଣେ ହୋମଗାର୍ଡଙ୍କ ମୃତ୍ୟୁ ଘଟିଛି। ମୃତ ହୋମଗାର୍ଡ ଜଣକ ହେଲେ ଜମିନି ଚନ୍ଦ୍ର ମହାନ୍ତ। ଲକ୍ଷ୍ମୀପୋଷି ଫାଣ୍ଡିରୁ ମଙ୍ଗଳବାର ରାତି ୧୦ଟା ବେଳେ ଡ୍ୟୁଟି ସାରି ସେ ଏକ ମୋଟର ସାଇକେଲ ଯୋଗେ ନିଜ ଘର ଚାନ୍ଦୁଆ ବ୍ଲକ ଅଧୀନ କରକଟିଆ ଗ୍ରାମକୁ ଫେରୁଥିବା ସମୟରେ କୌଣସି କାରଣରୁ ଝିନେଇ ଗ୍ରାମ ନିକଟରେ ଥିବା କେନାଲ ଭିତରକୁ ଖସି ପଡ଼ିଥିଲେ। ରାତି ସମୟରେ ସେହି ରାସ୍ତାରେ ଲୋକଙ୍କ ଯାତାୟାତ ନ ଥିବାରୁ କାହା ନଜରକୁ ଆସିପାରି ନ ଥିଲେ। ସକାଳୁ ସ୍ଥାନୀୟ ଲୋକେ ଶୌଚ ପାଇଁ ଯାଇଥିବାବେଳେ କେନାଲ ଭିତରେ କେହି ପଡ଼ିଥିବା ଦେଖି ପାଖକୁ ଯାଇ ଜାମିନୀକୁ ଚିହ୍ନି ପାରିଥିଲେ। କେନାଲରୁ ତାଙ୍କୁ ଉଦ୍ଧାର କରି ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତେବେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଚାନ୍ଦୁଆ ଥାନାରେ ଏକ ମାମଲା (ନଂ.୫୫/୧୯) ରୁଜୁ ହୋଇଛି ।

### ସାପ୍ତାହିକ ହାଟରେ ଆକସ୍ମିକ ମୃତ୍ୟୁ

**ଠାକୁରମୁଣ୍ଡା,୨୫।୧୨(ଡି.ଏନ୍.ଏ.)-** ଠାକୁରମୁଣ୍ଡା ସାପ୍ତାହିକ ହାଟକୁ ଆସି ଥିବା ଜଣେ ବ୍ୟକ୍ତିଙ୍କ ବୁଧବାର ଆକସ୍ମିକ ମୃତ୍ୟୁ ଘଟିଛି। ମୃତକ ଜଣକ ଭୀମ ପିଙ୍ଗୁଆ (୫୧) ଓ ତାଙ୍କ ଘର ମହୁଲଡ଼ିହା ଥାନା ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଦିଲଗଞ୍ଜ ଗ୍ରାମରେ ବୋଲି ଜଣା ପଡ଼ିଛି। ଭୀମ ଏକୁଟିଆ ଘରୁ ହାଟକୁ ଆସିଥିବା ବେଳେ ହାଟ ଭିତରେ ଥିବା ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପାଚେରି କଡ଼ରେ ହଠାତ୍ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିବା ବେଳେ ପୋଲିସ ଘଟଣାର ତଦନ୍ତ କରୁଛି।

### 'ସମାଜ ଗଠନରେ ଯୁବ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ'

**ବାରିପଦା ଅଫିସ,୨୫।୧୨-** ନେହେରୁ ଯୁବକେନ୍ଦ୍ର ମୟୂରଭଞ୍ଜ ଆନୁକୂଲ୍ୟରେ ଜାତୀୟ ଯୁବ ସ୍ୱେଚ୍ଛାସେବୀମାନଙ୍କର ୧୫ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶିବିର ବାରିପଦା ମୁର୍ଗାବାଡିସ୍ଥିତ ପ୍ରୟାସ ଭବନ ତାଲିମ ଗୃହଠାରେ ଅନୁଷ୍ଠିତ ହେଉଛି। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ ସଂଯୋଜକ ଶକ୍ତି ସ୍ୱରୂପ ସିଂହଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବୀନ୍ଦ୍ର ନାୟକ ଏବଂ ଉତ୍ତର ଓଡ଼ିଶା ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା ସଂଯୋଜିକା ତଥା ଜାତୀୟ ପୁରସ୍କାରପ୍ରାପ୍ତ ପ୍ରାଧାପିକା ଉଷା ଶତପଥୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଅତିଥିମାନେ ଶିବିରକୁ ଉଦ୍‌ଘାଟନ କରି ସମାଜ ଗଠନରେ ଯୁବ ଶକ୍ତିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡାମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ନେହେରୁ ଯୁବ କେନ୍ଦ୍ର ତତ୍ତ୍ୱାବଧାନରେ ବାଲେଶ୍ୱର ଓ କେନ୍ଦୁଝର ଜିଲାରୁ ଜାତୀୟ ସ୍ୱେଚ୍ଛାସେବୀ ଭାବେ ଚୟନ ହୋଇଥିବା ୫୪ଜଣ ଯୁବ ସ୍ୱେଚ୍ଛାସେବୀ ଏହି ଶିବିରରେ ଯୋଗ ଦେଇଛନ୍ତି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ। ବିଭିନ୍ନ ବିଭାଗ ପଦାଧିକାରୀମାନଙ୍କ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଯୁବ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଉଛି। ଉଦ୍‌ଘାଟନୀ ଉତ୍ସବ ପ୍ରାରମ୍ଭରେ ଜିଲା ଆକାଉଣ୍ଟସ୍ ସୁପରିଣ୍ଟେଣ୍ଡେଣ୍ଟ ଅଶୋକ କୁମାର ସାହୁ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ। ମୟୂରଭଞ୍ଜ ଜିଲାର ଯୁବ ପ୍ରଶିକ୍ଷକ ସୁବ୍ରତ କୁମାର ଦାସ ଓ ପ୍ରଶିକ୍ଷିକା କନିକା ବୋଷ ଏବଂ ଜିଲାର ଜାତୀୟ ସ୍ୱେଚ୍ଛାସେବୀ ହିମାଂଶୁ ମହାନ୍ତ, ଦିବ୍ୟ ନାୟକ, ବିଜୟ କୁମାର ମାଣ୍ଡି, ବିଶ୍ୱନାଥ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ବିୟୋଗରେ ଶୋକ

**ବହଳଦା,୨୫।୧୨(ଡି.ଏନ୍.ଏ.)-** ବହଳଦା ବ୍ଲକ ଝରାଡିହି ହୃଷିକେଶ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରତିଷ୍ଠାତା ହୃଷିକେଶ ବାରିକଙ୍କ ୯୪ବର୍ଷ ବୟସରେ ବୁଧବାର ପରଲୋକ ଘଟିଛି । ମୃତ୍ୟୁ ଖବର ପାଇ ବହୁ ଶିକ୍ଷାବିତ, ବୁଦ୍ଧିଜିବୀ, ଶିକ୍ଷକ, ଯୁବକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକ ବ୍ୟକ୍ତ କରିଥିଲେ। ଝରାଡିହିଠାରେ ବହୁ ଛାତ୍ରୀ ଓ ଶିକ୍ଷୟିତ୍ରୀ ଉପସ୍ଥିତ ରହି ତାଙ୍କ ଶବାଧାରରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

# ଜନକଲ୍ୟାଣକାରୀ ଯୋଜନାର ଅଗ୍ରଗତି ଉପରେ ଗୁରୁତ୍ୱ

## ମୟୂରଭଞ୍ଜ ଜିଲା ପରିଷଦର ନବମ ବୈଠକ

**ବାରିପଦା ଅଫିସ,୨୫।୧୨**

ମୟୂରଭଞ୍ଜ ଜିଲା ପରିଷଦର ନବମ ବୈଠକ ବାରିପଦା ମୁର୍ଗାବାଡିସ୍ଥିତ ଆଦିବାସୀ କୌଶଳ ଅଭିବୃଦ୍ଧି ସାଧନକେନ୍ଦ୍ର ପ୍ରୟାସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ପରିଷଦର ଅଧ୍ୟକ୍ଷା ସୁଜାତା ମୁର୍ମୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ମୟୂରଭଞ୍ଜ ଏମ୍‌ପି ବିଶେଶ୍ୱର ଟୁଡୁ, ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ, ଉଦଳା ବିଧାୟକ ଭାସ୍କର ମଢେଇ, ମୋରଡ଼ା ବିଧାୟକ ରାଜକିଶୋର ଦାସ, ସାରସକଣା ବିଧାୟକ ବୁଢାନ ମୁର୍ମୁ, କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ, ଜିଲା ପରିଷଦର ଉପାଧ୍ୟକ୍ଷ ନରେଶ ଚନ୍ଦ୍ର ସାହୁ, ଜିଲାପାଳ ବିନୀତ ଭରଦ୍ୱାଜ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଚଞ୍ଚଳ ରଣା, ବାରିପଦା ବନଖଣ୍ଡ ଅଧିକାରୀ ସ୍ୱୟମ ମଲ୍ଲିକ, ଡିଆରଡିଏ ଏପିଡି ସଂଗୀତା ବେହେରା ପ୍ରମୁଖଙ୍କ ସମେତ ଜିଲା ପରିଷଦ ସଦସ୍ୟାସଦସ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷାଅଧ୍ୟକ୍ଷ, ବିଭିନ୍ନ ବିଭାଗର ଜିଲାସ୍ତରୀୟ ପଦାଧିକାରୀ ଯୋଗଦେଇଥିଲେ। ବୈଠକରେ ଜିଲାରେ ଜନସାଧାରଣଙ୍କ ସାମାଜିକ, ଅର୍ଥନୈତିକ ତଥା ସାମଗ୍ରିକ ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ କରାଯାଉଥିବା ଉନ୍ନୟନ ପ୍ରକଳ୍ପ ଓ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ଅଗ୍ରଗତି ଓ ସ୍ଥିତି ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା।



ବୈଠକରେ ଉପସ୍ଥିତ ଜନ ପ୍ରତିନିଧିମାନେ।

କୃଷି, ଉଦ୍ୟାନ କୃଷି, ଜଳସେଚନ, (ମଧ୍ୟମ, କ୍ଷୁଦ୍ର ଓ ଉଠା ଜଳସଚେନ) ସୁବର୍ଣ୍ଣରେଖା ବୃହତ୍ ଜଳସେଚନ ପ୍ରକଳ୍ପ, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ପ୍ରକଳ୍ପ, ସେରିକଲ୍ଚର୍ (ଟସର ଚାଷ), ଲୋଧା ଉନ୍ନୟନ ପ୍ରକଳ୍ପ, ହିଲ ଖଡିଆ ମାଙ୍କିଡିଆ ଉନ୍ନୟନ ପ୍ରକଳ୍ପ, ଗୋପବନ୍ଧୁ ଗ୍ରାମୀଣ ଯୋଜନା, ଡିଭୋଲ୍ୟୁସନ ପାଣ୍ଠି (ଜିଲା ପରିଷଦ ଅଂଶ) ଯୋଜନା ଅନ୍ତର୍ଗତ ବିଭିନ୍ନ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଆଲୋଚନାରେ ବୁଲବୁଲ ଝଡ଼ବାତ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କ୍ଷତି ପୂରଣ ପ୍ରଦାନ କରାଯିବା ଏବଂ ପ୍ରଧାନମନ୍ତ୍ରୀ ଫସଲବୀମା, ଖରିଫ ଫସଲ ବୀମା ସହାୟତା ପ୍ରଦାନ, ବାରିପଦା ଓ କରଞ୍ଜିଆ ଡିଭିଜନ ଅନ୍ତର୍ଗତ ଯଶିପୁର, ରରୁଆଁ, କରଞ୍ଜିଆ, ବାଙ୍ଗିରିପୋଷି, ବାରିପଦା ବ୍ଲକ ଅଞ୍ଚଳରେ ଥିବା ବିଭିନ୍ନ ଉଠାଜଳସେଚନ ପ୍ରକଳ୍ପଗୁଡିକୁ କାର୍ଯ୍ୟକ୍ଷମ କରାଯିବା, ମୋରଡ଼ା ବ୍ଲକ ଅଞ୍ଚଳରେ ଚେକ୍ ଡ୍ୟାମ ଗୁଡିକର ପୁନରୁଦ୍ଧାର ଓ ମରାମତି କରାଯିବା ନେଇ ସମ୍ପୃକ୍ତ ନିର୍ବାହୀଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ମଧ୍ୟମ ଜଳସେଚନ ପ୍ରକଳ୍ପ ଯୋଜନାରେ ଖୁଣ୍ଟା, ଉଦଳା ବ୍ଲକ ଅଞ୍ଚଳରେ କ୍ଷୁଦ୍ର ଜଳସେଚନ ଡ୍ୟାମ ନିର୍ମାଣ, ସୋନ ନଦୀରେ ବ୍ୟାରେଜ ନିର୍ମାଣ, ରାମ ତୀର୍ଥ ଯଶିପୁରଠାରେ ବ୍ୟାରେଜ ପ୍ରକଳ୍ପ ଓ ବୁଢ଼ାବଳଙ୍ଗ ନଦୀପଠାରେ ଆଡିବନ୍ଧ ନିର୍ମାଣ , ଜମ୍ବିରା ନଦୀ ବାରିପଦା ସହରକୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କିତ ଆଲୋଚନା କରାଯାଇଥିଲା । ସେହିପରି ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୨୦୧୮-୧୯ ଓ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରାପ୍ତ ଆର୍ଥିକ ସହାୟତାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ପ୍ରକଳ୍ପ (ସଡ଼କ, ବିଜୁଳି, ପାନୀୟଜଳ) ଯୋଗାଣ କାର୍ଯ୍ୟର ଅଗ୍ରଗତି ଓ ସ୍ଥିତିର ସମୀକ୍ଷା କରାଯାଇ ଖର୍ଚ୍ଚ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଏଥି ସହିତ ଜିଲାକୁ ଚଳିତ ୨୦୧୯-୨୦ ଆର୍ଥିକ ବର୍ଷରେ ଡିଭୋଲ୍ୟୁସନ ପାଣ୍ଠି (ଜିଲା ପରିଷଦ ଅଂଶ ବାବଦକୁ ପ୍ରାପ୍ତ ହୋଇଥିବା ମୋଟ ୯୭ ଲକ୍ଷ ୫୦ ହଜାର ଟଙ୍କାରୁ ପ୍ରତ୍ୟେକ ଜିଲା ପରିଷଦ ଜୋନରେ ୩ଲକ୍ଷ ୭୫ ହଜାର ଅଟକଳରେ ପ୍ରକଳ୍ପ କାର୍ଯ୍ୟକାରିତା ପାଇଁ ବୈଠକରେ ସବିଶେଷ ଆଲୋଚନା କରାଯାଇ ଅନୁମୋଦନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା । ଜିଲାରେ ବଣୁଆ ହାତୀଙ୍କ ଦ୍ୱାରା ଫସଲ କ୍ଷୟକ୍ଷତିର ଆର୍ଥିକ ସହାୟତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ତ୍ତ (ରାସ୍ତା ଓ ଗୃହ) ବିଭାଗ ଯୋଜନା କାର୍ଯ୍ୟକ୍ରମରେ ଗ୍ରାମାଞ୍ଚଳର ଗମନାଗମନର ବିକାଶ ପାଇଁ ରାସ୍ତା ଓ ପୋଲ ସଂଯୋଗୀକରଣ ଏବଂ ଏନଆରଏଚଏମ ସ୍ୱାସ୍ଥ୍ୟ ସେବା କାର୍ଯ୍ୟକ୍ରମ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯିବା ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

### ରାଣୀପୋଖରୀରେ ସୃଜନାତ୍ମକ କର୍ମଶାଳା

**କପ୍ତିପଦା,୨୫।୧୨(ଡି.ଏନ୍.ଏ.)**

କପ୍ତିପଦା ବ୍ଲକ ଆଦିବାସୀ ଅଧ୍ୟୁଷିତ ରାଣୀପୋଖରୀ ପଞ୍ଚାୟତ ଦିଲ୍ଲୀସର ପଡ଼ିଆରେ ଏକ ସୃଜନାତ୍ମକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଶରତ ଥାନାର ଭାରପ୍ରାପ୍ତ ଅଧିକାରୀ ରୀନା ବକ୍ସଲା ଯୋଗଦେଇ ୬ରୁ ୧୪ବର୍ଷର ସମସ୍ତ ପିଲାଙ୍କର ଅଧିକାର ଶିକ୍ଷା ଗ୍ରହଣ ଏବଂ ଛାତ୍ରୀଛାତ୍ରମାନେ ପାଠପଢ଼ି ବିଭିନ୍ନ କର୍ମସଂସ୍ଥାନରେ ନିଜକୁ ନିୟୋଜିତ କରି ଦେଶର ସେବା କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତାଭାବେ ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ଅଧ୍ୟାପକ ପ୍ରତାପ କୁମାର ଦାସ, ସମ୍ମାନିତ ଅତିଥିଭାବେ ରାଣୀପୋଖରୀ ପଞ୍ଚାୟତର ସମିତିସଭ୍ୟ ଡ଼ବରସିଂ ଗଇପାଇ, ପୂର୍ବତନ ସରପଞ୍ଚ ମାର୍କଣ୍ଡ ହେମ୍ବ୍ରମ୍, ସୁଦର୍ଶନ ମୁଦୁଲି, ପ୍ରକଳ୍ପ ସଂଯୋଜକ ପୀତାମ୍ବର ଶଙ୍ଖୁଆ ପ୍ରମୁଖ ଯୋଗଦେଇଥିଲେ। ସଂଯୋଜକ ଅମରରଞ୍ଜନ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କ୍ଷେତ୍ର ସଂଯୋଜକ ସମା ସିଂ, ଲକ୍ଷ୍ମଣିଆ ସିଂ, ସୁଜାତା ସାହୁ, ବିନୋଦ ଭାଇ, ଶାନ୍ତି ଅପା ଏବଂ ଭାଷା ଶିକ୍ଷକମାନେ ଯୋଗଦେଇ ଅନୁଷ୍ଠିତ ଦୌଡ଼, ମ୍ୟୁଜିକ୍ ଚେୟାର, ଚିତ୍ରାଙ୍କନ, ସଂଗୀତ, ଅଭିନୟ, ନୃତ୍ୟ, କୌତୁକିଆ ପୋଷାକ, ଝୋଟିଚିତ୍ର ଆଦି ୩୨ଟିଖେଳକୁପରିଚାଳନାରେ ସହଯୋଗ କରିଥିଲେ। ପ୍ରତ୍ୟେକ ଖେଳରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଦେବକୁଣ୍ଡରେ ପିକ୍‌ନିକ୍ ପାର୍ଟିଙ୍କ ଭିଡ଼



ଦେବକୁଣ୍ଡରେ ଭିଡ଼ ଜମାଇଥିବା ପିକ୍‌ନିକ୍ ପାର୍ଟି ।

**ଉଦଳା,୨୫।୧୨(ଡି.ଏନ୍.ଏ.)**

ବଡ଼ଦିନ ଉପଲକ୍ଷେ ପର୍ଯ୍ୟଟନସ୍ଥଳୀ ଦେବକୁଣ୍ଡରେ ବୁଧବାର ପିକ୍‌ନିକ୍ ପାର୍ଟିଙ୍କ ଭିଡ଼ ଜମିଥିଲା। ଦେବକୁଣ୍ଡର ପ୍ରଥମ ବୁଢାମରା ଗେଟ୍‌ରେ ଇକୋ ଟୁରିଜିମ୍ ସହାୟତାରେ ନିର୍ମାଣ ହୋଇଥିବା ପିକ୍‌ନିକ୍ ସ୍ଥଳରେ ପ୍ରାୟ ୨ଶହରୁ ଅଧିକ ପକ୍‌ନିକ୍ ପାର୍ଟିଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ରାଜ୍ୟର ବିଭିନ୍ନ ପ୍ରାନ୍ତ ସମେତ ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ରାଜ୍ୟରୁ ମଧ ପିକ୍‌ନିକ୍ ପାର୍ଟି ଏଠାକୁ ଆସୁଛନ୍ତି । ଏଠାକାର ଘଞ୍ଚ ଜଙ୍ଗଲ ପାହାଡ଼ ପର୍ବତ ଘେରା ମଧ୍ୟରେ ଦେଓ ନଦୀର କୁଳୁକୁଳୁ ନାଦ, ଉଚ୍ଚତମ ପର୍ବତ ଶିଖରରେ ଦେବୀ ଅମ୍ବିକାଙ୍କର ମନ୍ଦିର ରହିଛି। ପ୍ରାକୃତିକ ପରିବେଶ ପର୍ଯ୍ୟଟକ ଏବଂ ପିକ୍‌ନିକ୍ ପାର୍ଟିଙ୍କୁ ବେଶ ଆନନ୍ଦ ଯୋଗାଉଛି । ପକ୍‌ନିକ ସ୍ଥଳରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ନିମନ୍ତେ ଉଦଳା ଥାନା ପୋଲିସ୍ ପକ୍ଷରୁ ଅଧିକ କର୍ମଚାରୀ ନିୟୋଜିତ କରାଯାଇଥିବା ଥାନା ଆଇଆଇସି ରୀନା ବେହେରା ସୂଚନା ଦେଇଛନ୍ତି। ତେବେ ଆସନ୍ତା ନୂଆବର୍ଷ ତଥା ଜାନୁୟାରୀ ମାସରେ ଅଧିକରୁ ଅଧିକ ପିକ୍‌ନିକ୍ ପାର୍ଟିଙ୍କ ଭିଡ଼ ଲାଗି ରହିବା ସମ୍ଭାବନା ଥିବାରୁ ସ୍ଥାନୀୟ ପୋଲିସ୍ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି କୁହାଯାଇଛି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଉଦଳା,୨୫।୧୨(ଡି.ଏନ୍.ଏ.)**

ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ସହ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କଲେଜ ଅଧ୍ୟକ୍ଷା ଜୟଶ୍ରୀ ଚୌଧୁରୀଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥି ଭାବେ କ୍ରୀଡାବିତ୍ ଅମୀୟ କୁମାର ବଳ ଯୋଗ ଦେଇଥିଲେ। ଅତିଥି କ୍ରୀଡ଼ା ଶିକ୍ଷକ ଭାବେ ଯୋଗେଶ କୁମାର ମହାକୁଡଙ୍କ ସମେତ କଲେଜର ଅଧ୍ୟାପକ କୁମକୁମ ଦାସ,ବିଶ୍ୱମ୍ବର ଜେନା, ଗିରିଜା ପାତ୍ର, ଅଶ୍ୱିନୀ ବେହେରା, ଶଶିଭୂଷଣ ପାଣିଗ୍ରାହୀଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ।

## 'ମୟୂରଭଞ୍ଜ ବୁଦ୍ଧିଜୀବୀ ମଞ୍ଚ' ଗଠିତ



ବୈଠକରେ ଉପସ୍ଥିତ ମଞ୍ଚର କର୍ମକର୍ତ୍ତା।

**ବାରିପଦା ଅଫିସ, ୨୫।୧୨**

ମୟୂରଭଞ୍ଜ ଜିଲାର ସର୍ବାଙ୍ଗୀନ ବିକାଶ ସହିତ ୪ଟି ସବ୍ ଡିଭିଜନ ଅଞ୍ଚଳର ମୁଖ୍ୟ ମୌଳିକ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବର୍ଗର ବୁଦ୍ଧିଜୀବୀମାନଙ୍କୁ ନେଇ ଏକ ବୈଠକ ସ୍ଥାନୀୟ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲୀ ଲାଇବ୍ରେରି) ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସର୍ବ ସମ୍ମତିକ୍ରମେ 'ମୟୂରଭଞ୍ଜ ବୁଦ୍ଧିଜୀବୀ ମଞ୍ଚ'ର ଏକ କାର୍ଯ୍ୟକାରୀ କମିଟି ଗଠନ କରାଯାଇଛି। ଏହାର ସଭାପତି ଭାବେ ବରିଷ୍ଠ ଖବରଦାତା ଡ. ବିଜୟ କୁମାର ଅଗରୱାଲା ଏବଂ ଆବାହକଭାବେ ଆଡଭୋକେଟ ବସନ୍ତ କୁମାର ମହାନ୍ତଙ୍କୁ ମନୋନୀତ କରାଯାଇଛି। ଉପସ୍ଥିତ ୧୯ ଜଣ ସଦସ୍ୟାସଦସ୍ୟଙ୍କୁ ନେଇ କାର୍ଯ୍ୟକାରୀ ନିର୍ବାହୀ କମିଟି ଗଠିତ ହୋଇଛି।

ବୈଠକରେ ଜିଲାର ଅଗ୍ରଣୀ ସାମାଜିକ ସଂଗଠନ ମୟୂରଭଞ୍ଜ ସିଟିଜେନ ଫୋରମର ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ପୌରୋହିତ୍ୟ କରିଥିଲେ। ଏଥିରେ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାରିପଦା ପୌର ପରିଷଦର ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ନାୟକ, ଜିଲା ପରିବେଶ ସମିତିର ଉପାଧ୍ୟକ୍ଷ ସନ୍ତୋଷ ମହାନ୍ତି, ପ୍ରତିଶ୍ରୁତି ପ୍ରତିଷ୍ଠାନର ପ୍ରତିଷ୍ଠାତା ପଣ୍ଡିତ ଭାଗବତ ପଣ୍ଡା, ଉଦୟନାଥ ଜେନା, ଆଡଭୋକେଟ ଅମ୍ବୁଜ ପୃଷ୍ଟି, ମନୋରଞ୍ଜନ ପଟ୍ଟନାୟକ, ସ୍ୱେଚ୍ଛାସେବୀ ଜୟନ୍ତ କୁମାର ପାଲ, ଶିକ୍ଷକ ଡ. ଶଶୀଧର ବିଶ୍ୱାଳ, ପିଆରଏମ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡା. ସୁମିତ୍ରା ସୋରେନ, ଇଂ.ବାଜିନାଥ ହେମ୍ବ୍ରମ, ଗଦାଧର ନାୟକ, ଅଭିଷେକ ଯାଦବ, ମୋହନ କୁମାର ଦାସ, ମହେଶ୍ୱର ସିଂ, ବସନ୍ତ କୁମାର ମହାନ୍ତ ପ୍ରମୁଖ ଯୋଗଦେଇ ଜିଲାର ବିକାଶରେ ଏକ ପ୍ରଭାବୀ ବେସରକାରୀ ସଂଗଠନ ଗଠନର ଆବଶ୍ୟକତା ଉପରେ ମତାମତ ଦେଇଥିଲେ। ଆଗାମୀ ଦିନରେ ଏହି ସଂଗଠନ ଜିଲାର ୪ଟି ଉପଖଣ୍ଡର ସାମାଜିକ ସଂଗଠନ ତଥା ବୁଦ୍ଧିଜୀବୀମାନଙ୍କୁ ଏକତ୍ରିତ କରି ଜିଲାର ବିକାଶ ପାଇଁ କାର୍ଯ୍ୟ କରାଯିବା ନେଇ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି। ଆଗାମୀ ଶହେ ଦିନ ମଧ୍ୟରେ ଜିଲାର ବ୍ଲକସ୍ତର ପର୍ଯ୍ୟନ୍ତ ଏହି ସଂଗଠନକୁ ସଂପ୍ରସାରିତ କରାଯିବାର ଯୋଜନା ମଧ୍ୟ ପ୍ରସ୍ତୁତ ହୋଇଥିବା ମଞ୍ଚର ଆବାହକ ମହାନ୍ତ ସୂଚନା ଦେଇଛନ୍ତି।

## ବିଜୟ ଉତ୍ସବ ପାଳିଲେ ବିଶୋଇ ଜେଏମ୍‌ଏମ୍ କର୍ମୀ

**ବିଶୋଇ,୨୫।୧୨(ଡି.ଏନ୍.ଏ.)**

ଝାଡ଼ଖଣ୍ଡ ରାଜ୍ୟର ବିଧାନସଭା ନିର୍ବାଚନରେ ଜେଏମ୍‌ଏମ୍ ଓ କଂଗ୍ରେସ ମେଣ୍ଟ ବିପୁଳ ବିଜୟ ଲାଭ କରିଛି। ଏହି ଖୁସିରେ ମୟୂରଭଞ୍ଜ ଜିଲା ବିଶୋଇ ଅଞ୍ଚଳର ଜେଏମଏମ କର୍ମୀମାନେ ବିଜୟ ଉତ୍ସବ ପାଳନ କରିଛନ୍ତି। ବୁଧବାର ବିଶୋଇ ବିର୍ସା ମୁଣ୍ଡା ଛକରେ ବାମନଘାଟି ଉପଖଣ୍ଡର ଦଳୀୟ ସଭାପତି ସୁନାରାମ ହେମ୍ବ୍ରମଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବାଣ ଫୁଟାଇବା ସହିତ ମିଷ୍ଟାନ ବଣ୍ଟନ କରିଥିଲେ। ଦଳର ପୂର୍ବ ଜିଲା ଯୁବ ମୋର୍ଚ୍ଚା ସଭାପତି ମଙ୍ଗଳ ମୁର୍ମୁ, ପ୍ରବୀର ନନ୍ଦ, ପଞ୍ଚାନନ ମୁର୍ମୁ, ମଙ୍ଗଳା ଟୁଡୁ, ମଧୁସୂଦନ ସାହୁ, ରାମଚନ୍ଦ୍ର ମାଣ୍ଡି, ଦାଶରଥି ହେମ୍ବ୍ରମ, ସୁନାରାମ ସୋରେନ, ସୀତାଲ କିସ୍କୁଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।



ଜେଏମଏମ କର୍ମୀ ବିଜୟ ଉତ୍ସବ ପାଳନ କରୁଛନ୍ତି।

### ନବ ନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା

**ଠାକୁରମୁଣ୍ଡା,୨୫।୧୨(ଡି.ଏନ୍.ଏ.)**

ନବ ନିର୍ବାଚିତ ମୟୂରଭଞ୍ଜ ପଶ୍ଚିମ ସାଙ୍ଗଠନିକ ଜିଲା ଭାଜପା ସଭାପତି ବିଧାୟକ ନବଚରଣ ମାଝୀଙ୍କୁ ଠାକୁରମୁଣ୍ଡା ଓ କରଞ୍ଜିଆ ଭାଜପା କର୍ମକର୍ତ୍ତାମାନଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ମଣ୍ଡଳ ସଭାପତି ରଣଜିତ ବେହେରା, ମହୁଲଡ଼ିହା ମଣ୍ଡଳ ସଭାପତି ଜଗଦୀଶ ମହାନ୍ତ, ଯୋଗେନ୍ଦ୍ର ମହାନ୍ତ, ସବିତକାନ୍ତ ସୋରେନଙ୍କ ସମେତ ଦୁଇ ମଣ୍ଡଳର କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ଡିଭାଇନ୍‌ରେ ଜାତୀୟ କର୍ମଶାଳା

**ବାରିପଦା ଅଫିସ, ୨୫।୧୨**

ବାରିପଦାସ୍ଥିତ ଡିଭାଇନ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ରୋଲ ଅଫ ଇଣ୍ଟେଲେକଚୁଆଲ ପ୍ରପର୍ଟି ରାଇଟସ ଇନ ଇନୋଭେଶନ ମ୍ୟାନେଜମେଣ୍ଟ ଏକାଡେମିଆ ଇଣ୍ଡଷ୍ଟ୍ରି, କୋଲାବୋରେସନ ଫର୍ ଟେକ୍ନୋ ଏଣ୍ଟରପେନସିପ ଶୀର୍ଷକ ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟବକ୍ତା ଭାବେ ଭାରତ ସରକାରଙ୍କ ଏନଆର୍‌ଡିସି ବିଭାଗର ରିଜିଓନାଲ ମ୍ୟାନେଜର ଡ. ବିଜୟ କୁମାର ସାହୁ ଯୋଗଦେଇ ବର୍ତ୍ତମାନ ସମୟରେ ଇଣ୍ଟେଲେକଚୁଆଲ ପ୍ରପର୍ଟି ନିଜର ତଥା ଦେଶର ସର୍ବାଙ୍ଗୀନ ଉନ୍ନତି କରିବାରେ କିପରି ସହାୟତା ହୋଇଥାଏ ସେ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ସୁଦାମ ମାର୍ଣ୍ଡି ଏବଂ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରଫେସର ପ୍ରିୟବ୍ରତ ମାଝୀ ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଏହି ପ୍ରକାର କର୍ମଶାଳାର ଅବଶ୍ୟକତା ପ୍ରତି ଗୁରୁତ୍ୱ ଦେବା ସହ ସମୟାନୁବର୍ତ୍ତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ଡିଭାଇନର ନିର୍ଦ୍ଦେଶକ ଇଂ. ବିପ୍ଳବ ଭଞ୍ଜନ ବୁଗୁଡେଇଙ୍କ ତତ୍ତ୍ୱାବଧାନରେ କର୍ମଶାଳା ସମ୍ପାଦିତ ହୋଇଥିଲା। ଏଥିରେ ଡିଭାଇନ ଏବଂ ଏମଏସଇର ପ୍ରାୟ ୧୫୦୦ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।




କର୍ମଶାଳାରେ ଯୋଗ ଦେଇଥିବା ଅତିଥି ବୃନ୍ଦ।

## ■ ଉଦ୍‌ଘାଟନର ୩ ମାସ ମଧ୍ୟରେ ବେହାଲ ଅବସ୍ଥା

# କାମରେ ଲାଗୁନି ସର୍ବସାଧାରଣ ଶୌଚାଳୟ

**ଉଦଳା,୨୫।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ନିର୍ମାଣ କରାଯାଇଥିବା କେତେକ ସର୍ବସାଧାରଣ ଶୌଚାଳୟ ଅବ୍ୟବହୃତ ହୋଇ ପଡିରହିବା ସହ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ୧୨ ଟି ୱାର୍ଡ ରହିଛି। ସହରର ମୁଖ୍ୟ ରାସ୍ତାଗୁଡିକ ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ତାର ରକ୍ଷଣାବେକ୍ଷଣ ଏବଂ ଡ୍ରେନେଜ୍ ବ୍ୟବସ୍ଥା ପୂର୍ତ୍ତ ବିଭାଗ ହିଁ ବୁଝାଶୁଝା କରିଥାଏ । ହେଲେ ସହରର ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକ ଥିବା ଶୌଚାଳୟଗୁଡିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗତ ୩ ମାସ ପୂର୍ବରୁ ଉଦଳା ହାଇସ୍କୁଲ ଛକ, ମେଡିକାଲ ରୋଡ, ୫ ଏବଂ ୧୧ ନଂ. ୱାର୍ଡରେ ବ୍ୟୟବହୁଳ ଅଟ୍ଟକଳରେ ସର୍ବସାଧାରଣଙ୍କ ନିମନ୍ତେ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ପର୍ଯ୍ୟଟନ ଋତୁରେ ସହରରେ ଥିବା ଏହି ଶୌଚାଳୟଗୁଡିକ କାମରେ ଆସୁ ନ ଥିବା ଅଭିଯୋଗ ହୋଇଛି ।




ଉଦଳା ହାଇସ୍କୁଲ ଛକ ନିକଟରେ ଥିବା ଶୌଚାଳୟ।

ଉଦଳା ହାଇସ୍କୁଲ ଛକ ଶୌଚାଳୟରେ ଆବଶ୍ୟକୀୟ ପାଣି ନ ଥିବା କାରଣରୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକମାତ୍ର ୫ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କିରେ ସୀମିତ ରହିଛି ଏହି ସର୍ବସାଧାରଣ ଶୌଚାଳୟ। ୨୦ରୁ ୨୫ ଜଣ ବ୍ୟକ୍ତି ଶୌଚାଳୟକୁ ଶୌଚ ହେବାକୁ ଗଲେ ଆବଶ୍ୟକୀୟ ପାଣି ଖୋଜିବାକୁ ପଡ଼ିଥାଏ । ଉଲ୍ଲେଖଯୋଗ୍ୟ ଯେ, ପିକ୍‌ନିକ୍ ଋତୁରେ ଉଦଳା ସହରଠାରୁ ମାତ୍ର ୨୫ କି.ମି ଦୂରରେ ଥିବା ଦେବକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ଦୈନନ୍ଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି। ସେମାନେ ଶୌଚାଳୟରେ ନିତ୍ୟକର୍ମ ସାରି ପର୍ଯ୍ୟଟନସ୍ଥଳୀକୁ ଯିବା ନିମନ୍ତେ ଚାହୁଁଥିବା ବେଳେ ଅବ୍ୟବସ୍ଥା ଯୋଗୁ ଅସନ୍ତୋଷ ପ୍ରକାଶ କରି ଫେରୁଥିବା ଦେଖିବାକୁ ମିଳୁଛି। ସେହିପରି ମେଡିକାଲ ରୋଡ, ୫ ଏବଂ ୧୧ ନଂ. ୱାର୍ଡରେ ନିର୍ମାଣ ହୋଇଥିବା ଶୌଚାଳୟଗୁଡିକକୁ କୌଣସି ପର୍ଯ୍ୟଟକ ଯାଇ ନ ଥାନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଓ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ଅନିୟମିତତା ଯୋଗୁ ପେଟ୍ରୋଲ ପମ୍ପ ବନ୍ଦ

**ତିହିଡ଼ି,୨୫।୧୨(ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ବ୍ଲକରେ ଥିବା ଏକ ପେଟ୍ରୋଲ ପମ୍ପକୁ ବନ୍ଦ କରି ଦିଆଯାଇଛି। ତୈଳ କମ୍ପାନୀ ପକ୍ଷରୁ ଏହାକୁ ବନ୍ଦ କରାଯାଇଥିବାବେଳେ ପରୀକ୍ଷା ପାଇଁ ପେଟ୍ରୋଲ ନିଆଯାଇଥିବା ସୂଚନା ମିଳିଛି। କେତେକ ଅନିୟମିତତା ଯୋଗୁ ପେଟ୍ରୋଲ ପରୀକ୍ଷା ଲାଗି ନିଆଯାଇଛି। ପରୀକ୍ଷଣ ପରେ ପଦକ୍ଷେପ ନିଆଯିବ ବୋଲି ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି। ମଙ୍ଗଳବାର ରାତି ପ୍ରାୟ ୯ଟା ବେଳେ କମ୍ପାନୀ ପକ୍ଷରୁ ଯାଞ୍ଚ କରାଯାଇ ପେଟ୍ରୋଲ ପମ୍ପ ବନ୍ଦ କରାଯାଇଛି। ଅପରପକ୍ଷେ ଡିଜେଲ ସହ ପେଟ୍ରୋଲ ମିଶ୍ରଣ ହୋଇଥିବା ଯୋଗୁ ଟାଙ୍କି ବନ୍ଦ ରଖାଯାଇଥିବା ମାଲିକ ପ୍ରକାଶ କରିଛନ୍ତି।

### ମଙ୍ଗଳପୁର ସମବାୟ ସମିତିରେ ମଣ୍ଡି ଖୋଲିଲା

**ତିହିଡ଼ି,୨୫।୧୨(ଡି.ଏନ.ଏ.):** ତିହିଡ଼ି ବ୍ଲକ ମଙ୍ଗଳପୁର ସେବା ସମବାୟ ସମିତିରେ ବୁଧବାର ଧାନ ମଣ୍ଡି ଖୋଲିଛି। ପ୍ରଥମ ଦିନରେ ଧାନ ସଂଗ୍ରହ ହୋଇ ନ ଥିଲାବେଳେ ଆସନ୍ତା ଶୁକ୍ରବାରଠାରୁ ଧାନ କିଣାଯିବ ବୋଲି ସୂଚନା ଦିଆଯାଇଛି। ସମିତି ସଭାପତି ପ୍ରବୀର କୁମାର ନାୟକ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ନାୟକ ଓ ହରିହର ସେନାପତି, ସମ୍ପାଦକ ଶଙ୍କର୍ଷଣ ଜେନା, ସିଇଓ ସଞ୍ଜୟ କୁମାର ଦାସ, ସହସମ୍ପାଦକ ରମାକାନ୍ତ ମହାପାତ୍ର, ସରପଞ୍ଚଙ୍କ ପ୍ରତିନିଧି ନିତ୍ୟାନନ୍ଦ ବେହେରା, ସମିତିସଭ୍ୟ ସୌମ୍ୟରଞ୍ଜନ ପରିଡ଼ା, ଅର୍ଦ୍ଧେନ୍ଦୁ ଶେଖର ବାରିକ, ସନ୍ଧ୍ୟାରାଣୀ ପାଣିଗ୍ରାହୀ, ପ୍ୟାରୀମୋହନ ସାବତ, ପୂର୍ବତନ ସମ୍ପାଦକ ବଳରାମ ସେନାପତି ଓ ଉମାକାନ୍ତ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଉପଭୋକ୍ତା ସଚେତନ ହେଲେ ଠକେଇ କମିବ

**ଭଦ୍ରକ ଅଫିସ,୨୫।୧୨:** ଭଦ୍ରକ ଜିଲା ସଂସ୍କୃତି ଭବନ ପରିସରରେ ଜାତୀୟ ଉପଭୋକ୍ତା ଦିବସ ପାଳିତ ହୋଇଯାଇଛି। ଜିଲା ପ୍ରଶାସନ ଓ ରାଜ୍ୟ ଉପଭୋକ୍ତା ମହିଳା ମହାସଂଘର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖାଉଟି ଅଦାଲତର ବିଚାରପତି ରଘୁନାଥ କର ଯୋଗ ଦେଇଥିଲେ। ଉପଭୋକ୍ତାମାନେ ସଚେତନ ହେଲେ ଠକେଇ ନିୟନ୍ତ୍ରଣ ହୋଇପାରିବ। ସେମାନେ ଜିନିଷ କ୍ରୟ ଓ ବିକ୍ରୟ ସମୟରେ ଯତ୍ନବାନ ହେବା ଆବଶ୍ୟକ ବୋଲି ସେ କହିଥିଲେ। ଏହାଛଡ଼ା ଖାଉଟି ଯେକୌଣସି ମୁହୂର୍ତ୍ତରେ ଠକେଇ ବିରୋଧରେ ପ୍ରତିବାଦ ଓ ଅଭିଯୋଗ କରିବା ଦରକାର ବୋଲି ସେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଗାଣ ଅଧିକାରୀ ମିର୍ ରାଜ ଅଲ୍ଲୀ, ଯାଜପୁର ମହିଳା ସୁରକ୍ଷା କଲ୍ୟାଣର ସମ୍ପାଦିକା ତିଲୋତ୍ତମା ଦାସ, ଜିଲା ଓଜନ ଓ ବୈଧ ମାପ ବିଭାଗର ସହକାରୀ ନିୟନ୍ତ୍ରକ ହରିଶଙ୍କର ପଟ୍ଟନାୟକ, ରାଜ୍ୟ ଉପଭୋକ୍ତା ମହିଳା ମହାସଂଘ ସମ୍ପାଦିକା ବନିତା ସାମଲ ପ୍ରମୁଖ ଉପଭୋକ୍ତାମାନଙ୍କ ଅଧିକାର ସମ୍ପର୍କରେ କହିଥିଲେ। ଆଇନଜୀବୀ ବସନ୍ତ ଖିଲାର ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଅଙ୍ଗନୱାଡ଼ି, ଆଶାକର୍ମୀଙ୍କ ସମେତ ମହିଳା ମହାସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ‘ସଫଳ ଚିତ୍ରଶିଳ୍ପୀ ହେବା ଲକ୍ଷ୍ୟ’

**ବାସୁଦେବପୁର,୨୫।୧୨(ଡି.ଏନ.ଏ.)**

ଚିତ୍ରକଳା କ୍ଷେତ୍ରରେ ଉତ୍କର୍ଷ ପାଇଁ ସେ ନିଜ ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ପାଲଟିଛନ୍ତି। ବିଭିନ୍ନ ସଚେତନତା ବାର୍ତ୍ତା ଦେଉଥିବା ଚିତ୍ର ଆଙ୍କି ସେ ସରକାରୀ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିଛନ୍ତି। ଭବିଷ୍ୟତରେ ଜଣେ ସଫଳ ଚିତ୍ରଶିଳ୍ପୀ ହେବାକୁ ଲକ୍ଷ୍ୟ ରଖିଥିବା ଶିଶୁ ଚିତ୍ରଶିଳ୍ପୀ ହେଲେ ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଇରମ ପଞ୍ଚାୟତ ଶହୀଦ ସ୍ମୃତି ହାଇସ୍କୁଲର ନବମ ଶ୍ରେଣୀ ଛାତ୍ର ପ୍ରଦ୍ୟୁମ୍ନ ବାରିକ। ତାଙ୍କ ଘର ଇରମ ଗ୍ରାମରେ। ଆନ୍ତରିକତା ଓ ଉଦ୍ୟମ ବଳରେ ଜଣେ ଯେକୌଣସି କ୍ଷେତ୍ରରେ ସଫଳ ହୋଇପାରିବ। ଏହି ଚିତ୍ରକଳା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି ବୋଲି ସେ କହିଛନ୍ତି।

ପ୍ରଦ୍ୟୁମ୍ନ କହନ୍ତି, ପିଲାଟି ଦିନରୁ ଚିତ୍ରାଙ୍କନ ପ୍ରତି ତାଙ୍କର ଆଗ୍ରହ ଥିଲା। ତାଙ୍କ ବାପା ପ୍ରଫୁଲ୍ଲ ବାରିକ ଜଣେ କଳା ଶିକ୍ଷକ। ଚିତ୍ରକଳା ପ୍ରତି ତାଙ୍କର ଏଭଳି ଆକର୍ଷଣ ଦେଖି ସେ ଆଗ୍ରହ ବଢ଼ାଇବା ପାଇଁ ଚିତ୍ର ଆଙ୍କିବାକୁ ପ୍ରୋତ୍ସାହନ ପ୍ରଦାନ କରିଥିଲେ। ୫/୬ ବର୍ଷରୁ



ଚିତ୍ର ଆଙ୍କୁଛନ୍ତି ପ୍ରଦ୍ୟୁମ୍ନ।

ରଙ୍ଗତୂଳୀରେ ଡ୍ରଇଂ ସିଟ୍‌ରେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ଖୁବ୍ କମ୍ ସମୟ ମଧ୍ୟରେ କୌଣସି ଚିତ୍ର କିମ୍ବା ଫଟୋର ଅବିକଳ ନକଲ ଆଙ୍କି ପାରୁଥିବା ଦେଖି ତାଙ୍କ ବାପା ତାଙ୍କୁ ଚିତ୍ରକଳା ପ୍ରଶିକ୍ଷଣ ଦେଇଥିଲେ। ଏହାପରଠାରୁ ସେ ଆଗକୁ ମାଡ଼ି ଚାଲିଲେ। ଚିତ୍ର ଆଙ୍କିବା ତାଙ୍କର ନିଶାରେ ପରିଣତ ହୋଇଯାଇଛି। ଏହାମଧ୍ୟରେ ବିଦ୍ୟାଳୟସ୍ତରୀୟ, ବ୍ଲକ ଓ ଜିଲାସ୍ତରୀୟ ଚିତ୍ରକଳା ପ୍ରତିଯୋଗିତାରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାଇ ରଖିବାରେ ସଫଳ ହୋଇପାରିଛନ୍ତି। ଉତ୍କୃଷ୍ଟ ମାନର ଚିତ୍ରାଙ୍କନ ପାଇଁ ବାସୁଦେବପୁର ସୌରଭ ସମ୍ମାନ, ମୁକ୍ତାକାଶ ଚିତ୍ରାଙ୍କନ ପ୍ରତିଯୋଗିତା, ବ୍ଲକସ୍ତରୀୟ ଶିଶୁ ଉତ୍ସବ, ବାରାପୁର ମକର ମହୋତ୍ସବ, ରାଜ୍ୟସ୍ତରୀୟ କଳାକାର ମହାସମ୍ମିଳନୀ, ସୁରଭି-୨୦୧୮, ଉତ୍କଳ କଳା ସଂସ୍କୃତି ପ୍ରତିଷ୍ଠାନ ସମେତ ୩୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ପକ୍ଷରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ବଡ଼ଭଉଣୀ ପ୍ରତିଭା ତାଙ୍କ ପ୍ରେରଣାର ଉତ୍ସ। ପ୍ରତିଭା ଜଣେ ସଫଳ ଚିତ୍ରଶିଳ୍ପୀ। ସେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ୩ ଥର ସଫଳ ହୋଇ ପୁରସ୍କୃତ ହୋଇଛନ୍ତି। ବର୍ତ୍ତମାନ ସ୍ଥିତିରେ ଚିତ୍ରକଳା ଲୋକଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଚିତ୍ରକଳା କ୍ଷେତ୍ରରେ ଛାତ୍ରୀଛାତ୍ର ଓ ଯୁବ ଚିତ୍ରଶିଳ୍ପୀମାନଙ୍କୁ ଆଗକୁ ଯିବା ପାଇଁ ଅଧିକ ପ୍ରୋତ୍ସାହନର ଆବଶ୍ୟକତା ରହିଛି ବୋଲି ପ୍ରଦ୍ୟୁମ୍ନ କହିଛନ୍ତି।

## ଆଖଣ୍ଡଳମଣି ମନ୍ଦିରରେ ପ୍ରସ୍ତୁତ ହେଲା ନୀତିକାନ୍ତି

**ଆରଡ଼ି,୨୫।୧୨(ଡି.ଏନ.ଏ):** ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ସୂର୍ଯ୍ୟୋପରାଗ ଲାଗି ସମସ୍ତ ନୀତିକାନ୍ତି ପ୍ରସ୍ତୁତ ହୋଇଛି। ବିରଜା ପଞ୍ଜିକା ଅନୁସାରେ,

**ଆଜି ସୂର୍ଯ୍ୟୋପରାଗ**



ବୁଧବାର ରାତି ୮ଟା ୧୯ରୁ ଗୁରୁବାର ପୂର୍ବାହ୍ଣ ୧୧ଟା ୨୯ ପର୍ଯ୍ୟନ୍ତ ଅନ୍ନ ଭୋଜନ, ପାକକର୍ମ ଓ ଦେବନୀତି ନିଷେଧ କରାଯାଇଛି। ସେଥିପାଇଁ ଏହି ସମୟ ମଧ୍ୟରେ ମନ୍ଦିରରେ ପହଡ଼ ପଡ଼ିବା ସହ ବାବା ଆଖଣ୍ଡଳମଣିଙ୍କ ପୂଜାର୍ଚ୍ଚନା ବନ୍ଦ ରହିବାକୁ ମନ୍ଦିର ପ୍ରଶାସନ ଓ ସେବାୟତଙ୍କ ଦ୍ୱାରା ସ୍ଥିର ହୋଇଛି। ବୁଧବାର ନିର୍ଦ୍ଧାରିତ ସମୟ ପୂର୍ବରୁ ରାତିରେ ବାଟୁଳା ଭୋଗ କରାଯାଇ ସମସ୍ତ ପୂଜାର୍ଚ୍ଚନା କରାଯାଇଥିଲା। ଗୁରୁବାର ସୂର୍ଯ୍ୟୋପରାଗ ଶେଷ ହେବା ପରେ ମନ୍ଦିର ପହଡ଼ ଖୋଲାଯାଇ ବାବାଙ୍କୁ ସ୍ନାନ କରାଯିବ। ଏହାପରେ ମନ୍ଦିରରେ ଗଙ୍ଗାଜଳ ସିଞ୍ଚନ କରାଯାଇ ଶୁଦ୍ଧୀକରଣ କରାଯିବ। ଅନ୍ୟାନ୍ୟ ସମସ୍ତ ପୂଜାକର୍ମ ବିଧି ଅନୁସାରେ ସମାପନ କରାଯିବାକୁ ସ୍ଥିର ହୋଇଛି। ଏହାପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ସାହାଣମେଲା କରାଯାଇ ଦର୍ଶନ କରିବାକୁ ସୁଯୋଗ ଦିଆଯିବ ବୋଲି ସେବାୟତମାନେ ପ୍ରକାଶ କରିଛନ୍ତି।

## ସାନ୍ତାକ୍ଲଜ ମାଧ୍ୟମରେ ଟ୍ରାଫିକ ସଚେତନତା



ଜଣେ ବାଇକ୍ ଆରୋହୀଙ୍କୁ ସାନ୍ତାକ୍ଲଜ୍ ସଚେତନ କରାଉଛନ୍ତି।

**ଭଦ୍ରକ ଅଫିସ,୨୫।୧୨**

ଭଦ୍ରକ ଜିଲା ପୋଲିସ ପକ୍ଷରୁ ବୁଧବାର ବନ୍ତ ଛକ ପୋଲ ତଳେ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆରକ୍ଷୀ ଅଧୀକ୍ଷକ ରାଜେଶ ପଣ୍ଡିତ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବୁଧବାର ବଡ଼ଦିନ ଥିବାରୁ ସାନ୍ତା କ୍ଲଜ୍ ମାଧ୍ୟମରେ ରାସ୍ତାରେ ଯାଉଥିବା ବାଇକ୍‌ଆରୋହୀ ଓ ଅନ୍ୟ ଗାଡ଼ି ଚାଳକଙ୍କୁ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସଚେତନତା ବାର୍ତ୍ତା ଦିଆଯାଇଥିଲା। ହେଲ୍‌ମେଟଧାରୀଙ୍କୁ ଚକୋଲେଟ୍ ବାଣ୍ଟି ସ୍ୱାଗତ କରାଯାଇଥିଲା। ଟ୍ରାଫିକ ନିୟମ ମାନିବା, ହେଲ୍‌ମେଟ ପିନ୍ଧିବା, ଦ୍ରୁତଗତିରେ ଗାଡ଼ି ନ ଚଳାଇବା, ଗାଡ଼ି ଚାଳନା ସମୟରେ ମୁଖ୍ୟତଃ ମୋବାଇଲ ବ୍ୟବହାର ନ କରିବା ଓ ମଦ୍ୟପାନ କରି ଡ୍ରାଇଭିଂ ନ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ପୋଲିସର ଏହିଭଳି ଅଭିନବ ଉଦ୍ୟମକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଅତିରିକ୍ତ ଏସ୍‌ପି କୈଳାସ ଚନ୍ଦ୍ର ପରିଡ଼ା, ଏସ୍‌ଡିପିଓ ସୁନୀଲ ନନ୍ଦ ପ୍ରମୁଖ ଏଥିରେ ସାମିଲ ହୋଇ ଲୋକଙ୍କୁ ସଚେତନ କରାଇଥିଲେ।

## କ୍ରୀଡ଼ାରେ ଭାଗ ନେଲେ ୨ଶହ ଛାତ୍ରୀଛାତ୍ର

**ଧାମନଗର, ୨୫।୧୨ (ଡି.ଏନ.ଏ.):** ଧାମନଗର ବ୍ଲକ ଧୂଷୁରୀ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ କ୍ରୀଡ଼ା ଉତ୍ସବ ହରିହଂସଠାରେ ଅନୁଷ୍ଠିତ ହୋଇଯାଇଛି। ୨ ଶହ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ରବୀନ୍ଦ୍ର କୁମାର ବେହୁରିଆଙ୍କ ଅଧ୍ୟକ୍ଷତାରେ ସ୍ୱାଧୀନତା ସଂଗ୍ରାମୀ ରାମହରି ଗୋସ୍ୱାମୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଧୂଷୁରୀ ଥାନା ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ଯୋଗଦେଇ ଶୈଶବ ଅବସ୍ଥାରୁ ଶିଶୁମାନଙ୍କୁ କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି କରିବା ସହିତ ଶାରୀରିକ ଦକ୍ଷତା ବୃଦ୍ଧି ହେବା ଜରୁରୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପଣ୍ଡିତ ନୃସିଂହ ଚରଣ ନାୟକ, ଯୁଧିଷ୍ଠିର ମହାପାତ୍ର, ବିନେନ୍ଦ୍ର କୁମାର ମହାନ୍ତି ଓ ପ୍ରଦୀପ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ତ୍ରୁଷ୍ଟି ମଧୁମିତା ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ସୁଧୀର କୁମାର ନାୟକ ଧନ୍ୟବାଦ ଦେଇଥିଲେ।

## ‘କଠିନ ଶ୍ରମ, ଅଧ୍ୟବସାୟ ଜୀବନ ଗଠନର ମୂଳମନ୍ତ୍ର’



ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ‘ତତ୍ତ୍ୱ’କୁ ଉନ୍ମୋଚନ କରୁଛନ୍ତି।

**ଭଦ୍ରକ ଅଫିସ, ୨୫।୧୨:** ଆଦାନୀ ଡିଏଭି ପବ୍ଲିକ ସ୍କୁଲର ୭ମ ବାର୍ଷିକ ଉତ୍ସବ ଜିଜ୍ଞାସା ପାଳିତ ହୋଇଯାଇଛି। ଧାମରା ବନ୍ଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବ୍ରତ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। କଠିନ ପରିଶ୍ରମ ଓ ଅଧ୍ୟବସାୟ ଜୀବନ ଗଠନର ମୂଳମନ୍ତ୍ର ବୋଲି ସେ ବକ୍ତବ୍ୟ ରଖିଥିଲେ। ସ୍କୁଲ ଅଧ୍ୟକ୍ଷା କୃଷ୍ଣପ୍ରିୟା ଷଡ଼ଙ୍ଗୀ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଭାବେ ଆଦାନୀ ଏଲ୍‌ଏନ୍‌ଜି ପ୍ରକଳ୍ପର ମୁଖ୍ୟ ଅମିତାଭ ବୋଷ ଓ ସ୍ୱତନ୍ତ୍ର ଅତିଥି ଭାବେ ବାଲେଶ୍ୱର ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ନବକିଶୋର ପ୍ରଧାନ ଯୋଗଦେଇ ଅଧିକରୁ ଅଧିକ ପୁସ୍ତକ ପଢ଼ିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ ସହ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ସେହିପରି ଅତିଥିମାନେ ବିଦ୍ୟାଳୟର ମୁଖପତ୍ର ‘ତତ୍ତ୍ୱ’ ଉନ୍ମୋଚନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ମହିଳା ସଶକ୍ତୀକରଣ ଆଧାରିତ ନୃତ୍ୟ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲା। ବରିଷ୍ଠ ଶିକ୍ଷକ ସାନୁଜ କୁମାର ଜେନା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

## ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ

**ଭଦ୍ରକ ଅଫିସ, ୨୫।୧୨**

ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ବ୍ରଜକିଶୋର ବଳ ଉଦ୍‌ଘାଟନୀ ଉତ୍ସବରେ ସଭାପତିତ୍ୱ କରିଥିଲେ। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରସନ୍ନ କୁମାର ବିଶ୍ୱାଳ ମୁଖ୍ୟଅତିଥି, ବାସୁଦେବପୁର ଅଟଳ ବିହାରୀ ମହାବିଦ୍ୟାଳୟ ଇଂଲିଶ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ସଂଗ୍ରାମ କେଶରୀ ମହାନ୍ତି ମୁଖ୍ୟବକ୍ତା, ସରକାରୀ ଅସୁରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତାରାମଣୀ ଦାଶ, କପିଳେନ୍ଦ୍ର ଦାଶ, ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ଓ ରାହାଞ୍ଜି ସରପଞ୍ଚ ଉର୍ମିଳା ଜେନା ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ର ସେବା ମନୋବୃତ୍ତି ଆପଣାଇବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଫିସର ଡ. ରମେଶ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ ଓ ଡ. ଉତ୍ପଳା ନାୟକ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ମହାବିଦ୍ୟାଳୟର ଦର୍ଶନ ବିଭାଗ ପ୍ରାଧ୍ୟାପକ ଜଗନ୍ନାଥ ଧଳ, ଅର୍ଥନୀତି ଅଧ୍ୟାପକ ବସନ୍ତ କୁମାର ପାତ୍ର, ମନସ୍ତତ୍ତ୍ୱ ଅଧ୍ୟାପିକା କଳ୍ପନା ଲେଙ୍କା, ପୂର୍ବତନ ଅଧ୍ୟାପକ ରମେଶ ଚନ୍ଦ୍ର ଦାସ ଓ ମହେଶ୍ୱର ସେନାପତି ଉତ୍ସବରେ ଯୋଗଦେଇ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ରଙ୍କ ପାଇଁ ସେବା ଶିବିରର ଆବଶ୍ୟକତା ସମ୍ପର୍କରେ କହିଥିଲେ।



ଶିବିର ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି।

## ଗାଁରେ ଶିବିରାର୍ଥୀଙ୍କ ସେବାକାର୍ଯ୍ୟ



ଶିବିରାର୍ଥୀମାନେ ରାସ୍ତା ସଫା କରୁଛନ୍ତି।

**ଆରଡ଼ି,୨୫।୧୨(ଡି.ଏନ.ଏ.):** ଛାତ୍ରୀଛାତ୍ର ହେଉଛନ୍ତି ସମାଜର ଦର୍ପଣ। ସେମାନେ ଚାହିଁଲେ ସମାଜରୁ ନାନା କୁସଂସ୍କାର ଦୂର ହୋଇପାରିବ। ଏହାକୁ ପାଥେୟ କରି ମହାବିଦ୍ୟାଳୟରେ ସୃଷ୍ଟି ହୋଇଛି ଜାତୀୟ ସେବା ଶିବିର। ଏହି ଅନୁଷ୍ଠାନ ଯୋଗୁ ଲକ୍ଷ ଲକ୍ଷ ସାମାଜିକ କର୍ମୀ ସୃଷ୍ଟି ହେଉଛନ୍ତି ବୋଲି ଧାମନଗର ବ୍ଲକର ଆଇଜିଏମ୍ କଲେଜ ଜାତୀୟ ସେବା ଯୋଜନା ଅଧିକାରୀ ନରେନ୍ଦ୍ର କୁମାର ସାହୁ ସୁନ୍ଦରପୁର ବାତ୍ୟା ଆଶ୍ରୟସ୍ଥଳରେ ଚାଲିଥିବା ସେବା ଶିବିରରେ ମତବ୍ୟକ୍ତ କରିଛନ୍ତି। ୭ ଦିନିଆ ଏହି ଶିବିରରେ ୨୫ ଛାତ୍ର ଭାଗ ନେଇଛନ୍ତି। ରବିବାରଠାରୁ ଆରମ୍ଭ ହୋଇଛି ଗାଁ ଗାଁରେ ସେବାକାର୍ଯ୍ୟ। ଏହି ଛାତ୍ରମାନେ ଲୋକଙ୍କୁ ସଚେତନତା ବାର୍ତ୍ତା ବାଣ୍ଟୁଛନ୍ତି। ଆଖଣ୍ଡଳମଣି-ଭଦ୍ରକ ରାସ୍ତାରେ ହେଲ୍‌ମେଟ ବ୍ୟବହାର ପାଇଁ ଗାଡ଼ି ଚାଳକଙ୍କୁ ସଚେତନ କରୁଛନ୍ତି। ଦୋହରାପାଟଣା ଓ ସୁନ୍ଦରପୁର ଗାଁର ୬ଟି ୱାର୍ଡକୁ ଯାଇ ଶିବିରାର୍ଥୀମାନେ ରାସ୍ତାଘାଟରୁ ଅଳିଆ ସଫା କରିବା ସହ ପଲିଥିନ, ପ୍ଲାଷ୍ଟିକ ଦ୍ରବ୍ୟ ବର୍ଜନ ପାଇଁ ସଚେତନ କରୁଛନ୍ତି। ସେହିପରି ପ୍ରତ୍ୟେକ ଗାଁର ନଳକୂପ ଚାରିପାଖ ସଫା କରି ବ୍ଲିଚିଂ ପାଉଡର ପକାଇବା ସହ ଏଡ୍‌ସ ଭଳି ମାରାତ୍ମକ ରୋଗ ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି ଅଧିକାରୀ ଓ ଶିବିରାର୍ଥୀ। ମହାବିଦ୍ୟାଳୟ ଅଧ୍ୟକ୍ଷ ବ୍ରଜମୋହନ ନାୟକ, ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ନାୟକ, ଅଧ୍ୟାପକ ବିଭୂତି ଭୂଷଣ ବାରିକ, ପୀତାମ୍ବର ରାଉତରାୟ, ପ୍ରଫୁଲ୍ଲ ପୃଷ୍ଟି, ଚିତ୍ତରଞ୍ଜନ ଦାସ, ନିକୁଞ୍ଜ କିଶୋର ଜେନା, ଭରତ ଚନ୍ଦ୍ର ବେହେରା, ଗୋଲକ ମଲିକ, ଦେବେନ୍ଦ୍ର ରାଉତ ଓ ଗୋଲକ ପଲେଇ ପ୍ରମୁଖ ପ୍ରତ୍ୟହ ସେବା ଶିବିରକୁ ଯାଇ ଛାତ୍ରମାନଙ୍କୁ ସେବାକାର୍ଯ୍ୟ ଲାଗି ଉତ୍ସାହିତ କରୁଛନ୍ତି। ଆସନ୍ତା ଶନିବାର ଏହି ଶିବିର ଉଦ୍‌ଯାପିତ ହେବ ବୋଲି ଜାତୀୟ ସେବା ଯୋଜନା ଅଧିକାରୀ ଜଣାଇଛନ୍ତି।

## ଭାଇଚାରା ସୃଷ୍ଟି କରେ ବନ୍ଧୁମିଳନ

**ଭଣ୍ଡାରିପୋଖରୀ, ୨୫।୧୨ (ଡି.ଏନ.ଏ.):** ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ଆଲିହାସ୍ଥିତ କୋଳିପଦୀ ବାପୁଜୀ ସଂଯୁକ୍ତ ଉ.ପ୍ରା. ବିଦ୍ୟାଳୟ ଓ ଯୁଗଳ କିଶୋର ଉଚ୍ଚ ବିଦ୍ୟାଳୟର ପୂର୍ବତନ ବିଦ୍ୟାର୍ଥୀମାନଙ୍କ ୨ୟ ବାର୍ଷିକ ବନ୍ଧୁ ମିଳନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହୃଷୀକେଶ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଗଣେଶ୍ୱର ସାହୁ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସ୍ତମ୍ଭକାର କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନାଦି ଚରଣ ବାରିକ, ଲକ୍ଷ୍ମୀକାନ୍ତ ନାୟକ, ସନାତନ ରାଉତ, ଆନନ୍ଦ ଚନ୍ଦ୍ର ରାଉତ, ଦୁର୍ଯ୍ୟୋଧନ ଲେଙ୍କା ଓ ନିଗମାନନ୍ଦ ମିଶ୍ର ଅନ୍ୟତମ ଅତିଥି ଭାବେ ଯୋଗଦେଇ ବନ୍ଧୁମିଳନ ଭାଇଚାରା ସୃଷ୍ଟି କରିଥାଏ ବୋଲି କହିଥିଲେ। ପୁରାତନ ଛାତ୍ରସଂସଦ ସମ୍ପାଦକ ନିରାକାର ରାଉତଙ୍କ ସଂଯୋଜନାରେ ରବିନାରାୟଣ ବାରିକ ଅତିଥି ପରିଚୟ ଓ ବିଦ୍ୟାଧର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଗୁରୁପୂଜନ ସହ ଅନୁଷ୍ଠାନର ମୁଖପତ୍ର ‘ପୁଷ୍ପଶ୍ରୀ’କୁ ଅତିଥି ଉନ୍ମୋଚନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନାଦି ଚରଣ ବାରିକ, ପଣ୍ଡିତ ନାରାୟଣ ଚନ୍ଦ୍ର ନାୟକ ଓ ଶିକ୍ଷାକର୍ମୀ ଅଭିରାମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ
# ସେମିରେ ଛତିଶଗଡ଼ ଫରେଷ୍ଟ

**ଭଦ୍ରକ ଅଫିସ,୨୫।୧୨**

ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ଟୁର୍ନାମେଣ୍ଟର ୨ୟ ଦିବସରେ ଭୁବନେଶ୍ୱର କ୍ରାଉନ ଇନ୍ କ୍ଲବ ଏବଂ ଛତିଶଗଡ଼ ଫରେଷ୍ଟ ଟିମ୍ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ଫରେଷ୍ଟ ଟିମ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୮ ଉଇକେଟ ହରାଇ ୨୮୨ ରନ୍ କରିଥିଲା। ୨୮୩ ରନ୍‌କୁ ପିଛା କରି କ୍ରାଉନ ଇନ୍ କ୍ଲବ ସମସ୍ତ ଉଇକେଟ ହରାଇ ୨୫୧ ରନ୍ କରିଥିଲା। ଛତିଶଗଡ଼ ଫରେଷ୍ଟ କ୍ରାଉନ ଇନ୍ କ୍ଲବକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ଛତିଶଗଡ଼ ଫରେଷ୍ଟ ଦଳର ଦୀପକ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସୁବାସ ସାହୁ ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ କମିଟିର ସଭାପତି ପଦ୍ମନାଭ ପଣ୍ଡା, ଟ୍ରକ ମାଲିକ ସଂଘ ସମ୍ପାଦକ ରଜତ ନାୟକ, ସଂଗ୍ରାମ ପଲାଇ, ବାବାଜୀ ସାମଲ, ଭାଗବତ ପଢ଼ିଆରୀ, ଶ୍ୟାମସୁନ୍ଦର ଗୁପ୍ତା, ଚନ୍ଦ୍ରଭାନୁ ପଲେଇ, ବିଭୂତି ଭୂଷଣ ପଲେଇ ଓ ନୁର ମହମ୍ମଦ ଖାନ୍ ମ୍ୟାଚ୍ ପରିଚାଳନା କରିଥିଲେ। ଓସିଏ ପ୍ୟାନେଲ ଅମ୍ପାୟାର ଲଲାଟ କିଶୋରୀ ନନ୍ଦ ଏବଂ ଶରତ ଜେନା ଅମ୍ପାୟାର, ତୃତୀୟ ଅମ୍ପାୟାର ଭାବେ ଗଗନ ରାଉଳ ଓ ଭାସ୍କର ଚୌଧୁରୀ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ଛତିଶଗଡ଼ ଫରେଷ୍ଟ ଓ ଚରମ୍ପା ଏକାଡେମୀ ମଧ୍ୟରେ ଅନୁଷ୍ଠିତ ହେବ।

# ଶନିବାର ଦିଆଯାଉନି ମଧ୍ୟାହ୍ନ ଭୋଜନ

**ତିହିଡ଼ି, ୨୫।୧୨(ଡି.ଏନ.ଏ.)**

- ତଦନ୍ତ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ
- ଏବିଇଓଙ୍କୁ ଭେଟିଲେ ପରିଚାଳନା କମିଟି କର୍ମକର୍ତ୍ତା, ଅଭିଭାବକ

ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପଞ୍ଚାୟତ ଅଧୀନ ଇଟାଗଡ଼ି ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ପ୍ରତି ଶନିବାର ମଧ୍ୟାହ୍ନ ଭୋଜନ ଦିଆଯାଉ ନାହିଁ। ଏ ସମ୍ପର୍କରେ ଅଭିଯୋଗ ହେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ଦୁଇଥର ତଦନ୍ତ କରାଯାଇ ଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସ୍କୁଲ ପରିଚାଳନା କମିଟି କର୍ମକର୍ତ୍ତା ଓ ଅଭିଭାବକମାନେ ମଙ୍ଗଳବାର ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ପୁଣିଥରେ ଅଭିଯୋଗ କରିଛନ୍ତି। ଏହି ଅନିୟମିତତାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି ଜଣାଇଛନ୍ତି।

ସେମାନେ ଅଭିଯୋଗ କରିଛନ୍ତି ଯେ, ଏହି ସ୍କୁଲରେ ଦୀର୍ଘଦିନ ଧରି ଶନିବାରରେ ରୋଷେଇ ହେଉନାହିଁ। ଗତ ଅକ୍ଟୋବର ୧୮ରେ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ ହେବା ପରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଗତମାସ ୨୧ ତାରିଖରେ ଏହାର ତଦନ୍ତ କରିବା ପାଇଁ ସ୍କୁଲକୁ ଯାଇଥିଲେ। ପିଲାମାନଙ୍କୁ ପଚାରି ତଥ୍ୟ ନେଇ ସେ ଫେରିଥିଲେ। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ପୁଣିଥରେ ଏ ନେଇ ଅଭିଯୋଗ ହେବାରୁ ଗତ ୧୯ ତାରିଖରେ ଏବିଇଓ ତଦନ୍ତ କରିବାକୁ ଯାଇଥିଲେ। ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ଗତ ୨୧ ତାରିଖ ଶନିବାର ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇ ନାହିଁ। ଅପରପକ୍ଷେ ୪୯ଜଣ ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଥିବା ରିପୋର୍ଟ ପ୍ରଦାନ କରାଯାଇଥିଲା। ତେବେ ସ୍କୁଲରେ ୩୪ ପିଲା ଉପସ୍ଥିତ ଥିବାବେଳେ ସେମାନଙ୍କୁ ୩ ଖଣ୍ଡ ଲେଖାଏ ବିସ୍କୁଟ ପ୍ରଦାନ କରାଯାଇଥିବା ପରିଚାଳନା କମିଟି ସଭାପତି ଗଣେଶ ପ୍ରସାଦ ରାଉତ, ୱାର୍ଡସଦସ୍ୟ ଲକ୍ଷ୍ମୀଧର ସେଠୀ, ପୁଷ୍ପାଞ୍ଜଳି ଭୋଇ, ଲୀଳବତୀ ବେହେରା, ଦେବେନ୍ଦ୍ର ଖଟୁଆ, ପଦ୍ମାବତୀ ଖଟୁଆ, ଉର୍ମିଳା ଖଟୁଆ ପ୍ରମୁଖ ଦର୍ଶାଇଛନ୍ତି। ଏ ସମ୍ପର୍କରେ ଏବିଇଓ ଅନିଲ ନାୟକଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

# ଦୁର୍ନୀତି ଅଭିଯୋଗରେ ସରପଞ୍ଚ ନିଲମ୍ବିତ

**ବାଲେଶ୍ୱର ଅଫିସ,୨୫।୧୨**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଗୁଡୁ ପଞ୍ଚାୟତର ରାସ୍ତା ମରାମତି, ଲାଇଟ୍ ଏବଂ ପାଣି ଭଳି କେତେକ ପ୍ରକଳ୍ପ କାର୍ଯ୍ୟରେ ଅନିୟମିତତା ହେବା ନେଇ ପଞ୍ଚାୟତିରାଜ ବିଭାଗର ଆଡ଼ିସନାଲ ସେକ୍ରେଟାରୀ ବି.କେ. ରଥଙ୍କ ଚିଠି (ନଂ. ୨୪୨୬୧ ତା ୨୩।୧୨।୨୦୧୯ ରିଖ) ଅନୁଯାୟୀ ସରପଞ୍ଚ ଲମ୍ବୋଧର ପ୍ରଧାନଙ୍କୁ ନିଲମ୍ବିତ କରାଯାଇଛି। ସିଏଫ୍‌ସି/ଏସ୍‌ଏଫ୍‌ସି ପାଣ୍ଠିରେ ଏସବୁ କାମ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତ କରି ସରକାରୀ ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଥିଲା। ଗ୍ରାମବାସୀଙ୍କ ପକ୍ଷରୁ ଏଭଳି ଅଭିଯୋଗ ହେବା ପରେ ଜିଲାପାଳ ଏକ କମିଟି ଜରିଆରେ ଏହାର ତଦନ୍ତ କରାଇଥିଲେ। ତଦନ୍ତରେ ସରକାରୀ ଅର୍ଥ ଆତ୍ମସାତ୍ କରିଥିବା ପ୍ରମାଣିତ ହେବାରୁ ଜିଲାପାଳ ସରକାରଙ୍କୁ ଚିଠି (ନଂ. ୪୨୦ ତା ୨୨।୨।୨୦୧୯) କରି ସରପଞ୍ଚଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ। ପଞ୍ଚାୟତିରାଜ ବିଭାଗ ଆଡ଼ିସନାଲ ସେକ୍ରେଟାରୀ ଏହି ଦୁର୍ନୀତି ଘଟଣାରେ ସମ୍ପୃକ୍ତ ସରପଞ୍ଚ ଓ ଅନ୍ୟ କେତେକ ଅଧିକାରୀଙ୍କୁ ଡାକି ତର୍ଜମା କରିଥିଲେ। ସେମାନଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇବାରୁ ଗତ ୨୩ ତାରିଖରେ ସରକାର ଗୁଡୁ ପଞ୍ଚାୟତର ସରପଞ୍ଚ ପ୍ରଧାନଙ୍କୁ ୧୧୫ ଧାରା ଅନୁଯାୟୀ ନିଲମ୍ବନ କରିଛନ୍ତି। ଏ ସମ୍ପର୍କରେ ବିଡ଼ିଓ ଶଙ୍କର୍ଷଣ ବେହେରା କହିଛନ୍ତି , ଏହି ଅନିୟମିତତା କାର୍ଯ୍ୟରେ ସମ୍ପୃକ୍ତ ଅନ୍ୟ ଅଧିକାରୀଙ୍କ ସମ୍ପର୍କରେ ଅଧିକ ତଦନ୍ତ ଜାରି ରହିଛି । ତଦନ୍ତ ପରେ ଏ ଦିଗରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଦୁର୍ନୀତି ଅଭିଯୋଗର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁଯାୟୀ ସରପଞ୍ଚଙ୍କୁ ନିଲମ୍ବିତ କରାଯାଇଛି।

# କାମରେ ଆସୁନି କୋଟିଏ ଟଙ୍କାର ପ୍ରକଳ୍ପ

**ଖଇରା,୨୫।୧୨(ଡି.ଏନ.ଏ.)**

- ଦୁଇ ବିଭାଗ ମଧ୍ୟରେ ବିବାଦ, ଟଣାଓଟରା
- ମହତୀପୁର ଅଞ୍ଚଳବାସୀ ଜଳକଷ୍ଟର ଶିକାର
- ଆନ୍ଦୋଳନ ଚେତାବନୀ ଦେଲେ ଗ୍ରାମବାସୀ



ଅକାମୀ ହୋଇ ପଡିଥିବା ମହତୀପୁର ପାନୀୟ ଜଳ ପ୍ରକଳ୍ପ।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମହତୀପୁର ପାନୀୟ ଜଳ ପ୍ରକଳ୍ପ ୧କୋଟି ୧୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ସରିବାର ଦେଢ଼ ବର୍ଷ ବିତିଲାଣି । ଲୋକଙ୍କୁ ଏ ପର୍ଯ୍ୟନ୍ତ ପାଣି ମୁନ୍ଦାଏ ମିଳିଲାନି। ସୋର-କୁପାରୀ ରାଜ୍ୟ ରାଜପଥ କଡ଼ରେ ଡ୍ରେନ ନିର୍ମାଣ ବେଳେ ମାଟି ତଳେ ବିଛାଯାଇଥିବା ପାଇପ ପ୍ରତି ଦୃଷ୍ଟି ଦିଆ ନ ଯିବା କାରଣରୁ ବହୁ ସ୍ଥାନରେ ଏହା ନଷ୍ଟ ହୋଇଛି। ଏଣୁ ପ୍ରକଳ୍ପରୁ ପରୀକ୍ଷାମୂଳକ ଭାବେ ପାଣି ଉଠାଯିବା ବେଳେ ପାଇପ ନଷ୍ଟ ହୋଇଥିବା ଅନେକ ସ୍ଥାନରେ ପାଣି ବୋହି ଯାଇଥିଲା । ଏଥିଲାଗି ଲୋକଙ୍କୁ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି। ଉକ୍ତ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକ୍ଷମ କରା ନ ଗଲେ ୫ଖଣ୍ଡ ଗ୍ରାମର ବାସିନ୍ଦା ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

ଉଲ୍ଲେଖନୀୟ ଯେ, ଅଞ୍ଚଳବାସୀଙ୍କ ବହୁ ଦାବି ପରେ ସାଢ଼େ ୩ବର୍ଷ ତଳେ ମହତୀପୁର ମଧୁହରି ଉଚ୍ଚବିଦ୍ୟାପୀଠ ପଛ ପଟେ ଥିବା ଏକ ସ୍ଥାନରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୨ଟି ପମ୍ପ ହାଉସ ସାଙ୍ଗକୁ ୧ଲକ୍ଷ ଲିଟର ସଂରକ୍ଷଣ କ୍ଷମତା ବିଶିଷ୍ଟ ଟାଙ୍କି ସ୍ଥାପନ କରାଯାଇଥିଲା । ବର୍ଷେ ଭିତରେ କାମ ସାରିବା ପାଇଁ ଚୁକ୍ତି ହୋଇଥିଲେ ମଧ୍ୟ ପାଣ୍ଠି ଅଭାବ ଆଳରେ ପ୍ରାୟ ୨ବର୍ଷ ପରେ କାମ ଶେଷ ହୋଇଥିଲା। ଜଳକଷ୍ଟର ଶିକାର ହେଉଥିବା ମହତୀପୁର ସମେତ ପିତାପାଣିଆ, କଲରାପାଳ, ଗୋପାଳବେଡା,ବୀଣାପୁର ଇତ୍ୟାଦି ଗ୍ରାମର ବାସିନ୍ଦାମାନେ ପାଇପ ପାଣି ପାଇବାକୁ ଚାତକପରି ଚାହିଁ ରହିଥିଲେ । ହେଲେ ପରୀକ୍ଷାମୂଳକ ପାଣି ଉଠାଯିବାବେଳେ ଅନେକ ସ୍ଥାନରେ ପାଇପ ନଷ୍ଟ ହୋଇଯାଇଥିବା ଯୋଗୁ ଲୋକଙ୍କ ଘରକୁ ପାଣି ଆସି ନ ଥିଲା । ସୋର-କୁପାରୀ ରାଜ୍ୟ ରାଜପଥ କଡ଼ରେ ଡ୍ରେନ ନିର୍ମାଣ ବେଳେ ମାଟି ତଳେ ବିଛାଯାଇଥିବା ପାଇପ ନଷ୍ଟ ହୋଇଥିବା କୁହାଯାଇଥିଲା । ଏ ନେଇ ଉଭୟ ବିଭାଗ ଏବେ ବି ପରସ୍ପରକୁ ଦୋଷ ଦେଉଛନ୍ତି। ପାଇପ ମରାମତି କରାଯାଉ ନ ଥିବାରୁ ପ୍ରକଳ୍ପ ଅକାମୀ ହୋଇ ପଡି ରହିଛି। ଫଳରେ ପ୍ରକଳ୍ପ ନାଁରେ ସରକାରୀ ଅର୍ଥ ଅପଚୟ ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗର ଜଣେ ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ କହିଛନ୍ତି, ପାଇପ ନଷ୍ଟ ସମ୍ପର୍କରେ ପୂର୍ତ୍ତ ବିଭାଗକୁ ଅବଗତ କରାଯାଇଛି। ଏହି ଖର୍ଚ୍ଚ ଭରଣା ପରେ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇପାରିବ । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ନରେଶ ସିଂଙ୍କୁ ପଚାରିବାରୁ ପ୍ରକଳ୍ପ ପ୍ରତିଷ୍ଠା ସମୟରେ ତାଙ୍କ ବିଭାଗ ସହ କେହି ଆଲୋଚନା କରୁ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହିଛନ୍ତି ।

## ଭାଲୁ ଆକ୍ରମଣରେ ଯୁବକ ଗୁରୁତର

**ଆନନ୍ଦପୁର,୨୫।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ କୋଡ଼ପଡା ପଞ୍ଚାୟତ ରତୁଆଁ ଗ୍ରାମର ଶ୍ରୀରାମ ମାଝୀ(୨୭) ନାମକ ଜଣେ ଯୁବକ ବୁଧବାର ଭାଲୁ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା ଜଣାପଡିଛି। ଶ୍ରୀରାମ ନିକଟସ୍ଥ ଜଙ୍ଗଲକୁ ପତ୍ର ତୋଳିବାକୁ ଯାଇଥିଲେ। ଏହି ସମୟରେ ଦୁଇ ଗୋଟି ଭାଲୁ ମାଡଗୋଳ ଲାଗୁଥିବା ଦେଖିଥିଲେ। ସେ ଆକ୍ରମଣର ଶିକାର ହେବା ସନ୍ଦେହ କରି ଜୀବନ ବଞ୍ଚାଇବା ପାଇଁ ଗୋଟିଏ ଗଛକୁ ଚଢ଼ିବାକୁ ଉଦ୍ୟମ କରୁଥିବା ସମୟରେ ଗୋଟିଏ ଭାଲୁ ତାଙ୍କ ନିକଟକୁ ପଳାଇ ଆସିଥିଲା। ଶ୍ରୀରାମ ସାହସ ଦେଖାଇ ଗୋଇଠା ମାରି ଭାଲୁଟିକୁ ବିଦା କରି ଦେଇଥିଲେ। କିନ୍ତୁ ଅନ୍ୟ ଭାଲୁଟି ଦୌଡ଼ି ଆସି ତାଙ୍କ ଜଙ୍ଘକୁ କାମୁଡି ଦେଇଥିଲା। ଫଳରେ ସେ ଗୁରୁତର ଆହତ ହୋଇପଡିଥିଲେ। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ଜଣାପଡିଛି।

## ଦୁର୍ବୃତ୍ତମାନେ ପିଛା କରିବାରୁ ତହସିଲଦାରଙ୍କ ଜିପ୍ ଦୁର୍ଘଟଣାଗ୍ରସ୍ତ

**ସଜନାଗଡ଼, ୨୫।୧୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ତହସିଲଦାରଙ୍କ ଜିପ୍ ୧୯ନଂ. ରାଜ୍ୟ ରାଜପଥ ସେରଗଡ଼-ନୀଳଗିରି ରାସ୍ତାର ସାଆନ୍ତା ନିକଟରେ ମଙ୍ଗଳବାର ରାତି ପ୍ରାୟ ସାଢ଼େ ୨ଟା ସମୟରେ ରାସ୍ତା ତଳକୁ ଖସି ଦୁର୍ଘଟଣାଗ୍ରସ୍ତ ହୋଇଛି। କେତେକ ଦୁର୍ବୃତ୍ତ ଏକ କାର୍‌ରେ ତାଙ୍କୁ ପିଛା କରି ମାରଣାସ୍ତ୍ର ଦେଖାଇବାରୁ ଡ୍ରାଇଭର ଭୟଭୀତ ହୋଇ ଗାଡ଼ିକୁ ଦ୍ରୁତ ଗତିରେ ଚଳାଇଥିଲେ। ଫଳରେ ଏହା ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିଯାଇଥିଲା। ଘଟଣାସ୍ଥଳରେ ଖନ୍ତାପଡ଼ା ପୋଲିସ ପହଞ୍ଚି ଜିପକୁ ଉଦ୍ଧାର କରି ତଦନ୍ତ ଜାରି ରଖିଛନ୍ତି। ଜିପ୍ ଡ୍ରାଇଭରଙ୍କ କହିବା ମୁତାବକ, ମଙ୍ଗଳବାର କୌଣସି କାମରେ ତହସିଲଦାର କଟକ ହାଇକୋର୍ଟକୁ ଯାଇଥିଲେ। ସେଠାରେ କାମ ସାରି ତହସିଲଦାର କଟକରେ ରହିଥିଲେ। ଡ୍ରାଇଭର ତାଙ୍କ କିରାଣିଙ୍କୁ ଆଣି ନୀଳଗିରିରେ ଛାଡ଼ି ବାଲେଶ୍ୱର ଫେରୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ପିଛା କରିଥିଲେ। ତେବେ ତଦନ୍ତ ପରେ ଘଟଣା ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଚାକିରି ନାଁରେ ଠକେଇ: ଜେଲ ଗଲେ ଯୁବକ

**ଭଦ୍ରକ ଅଫିସ,୨୫।୧୨**



ଭଦ୍ରକ ଟାଉନ ଥାନାରେ ପୋଲିସ ସହ ଗିରଫ ଅଭିଯୁକ୍ତ।

ଭଦ୍ରକ ସହର ଚରମ୍ପାଠାରେ ଏକ ନକଲି ଏଜେନ୍ସି ଖୋଲି ନିଯୁକ୍ତି ଦେବା ନାଁରେ ଆଶାୟୀଙ୍କଠାରୁ ଅର୍ଥ ଆଦାୟ କରି ଠକେଇ ଅଭିଯୋଗରେ ଟାଉନ ଥାନା ପୋଲିସ ଉତ୍ତରପ୍ରଦେଶ ଅଞ୍ଚଳର ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ମହମ୍ମଦ ଅସ୍‌ଲମ୍(୨୫)। ଏ ନେଇ ଏକ ମାମଲା(ନଂ.୩୯୬/୧୯) ରୁଜୁ କରାଯାଇ ବୁଧବାର ଅସ୍‌ଲମଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇ ଯୁବକ ଫେରାର ଥିବା ଏସ୍‌ଡିପିଓ ସୁନୀଲ ନନ୍ଦ ଓ ଥାନାଧିକାରୀ ଚନ୍ଦନ ଘଡ଼େଇ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅସ୍‌ଲମ ଚରମ୍ପା ଅଞ୍ଚଳରେ ଏକ ଭଡ଼ାଘର ନେଇ ସଂସ୍ଥା ଖୋଲି ଆଶାୟୀଙ୍କଠାରୁ ୨୫ ଶହ ଟଙ୍କା ଲେଖାଏ ସିକ୍ୟୁରିଟି ଡିପୋଜିଟ୍ ନେଇଥିଲେ। ଏକ କମ୍ପାନୀରେ ଚାକିରି କରାଇଦେବା ପାଇଁ ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଆଶାୟୀମାନଙ୍କୁ ନିଯୁକ୍ତି ନ ମିଳିବାରୁ ସ୍ଥାନୀୟ ଲୋକେ ସନ୍ଦେହ କରି ପୋଲିସକୁ ଖବର ଦେଇଥିଲେ। ଏରଡ଼ା ଗ୍ରାମର ଅରବିନ୍ଦ ପାଣିଗ୍ରାହୀ ନାମକ ଜଣେ ଯୁବକଙ୍କ ଏତଲା କ୍ରମେ ଅସ୍‌ଲମଙ୍କୁ କାବୁ କରି ପଚରାଉଚରା କରାଯାଇଥିଲା। ତେବେ ସେ ଅନ୍ୟ ଏକ ନାମରେ ସେଠାରେ ଘର ଭଡ଼ା ନେଇ ଲୋକଙ୍କଠାରୁ ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଭୀମକୁଣ୍ଡରେ ଭାସିଯାଇ ପର୍ଯ୍ୟଟକ ନିଖୋଜ

**ପାଟଣା/ଠାକୁରମୁଣ୍ଡା, ୨୫।୧୨ (ସ୍ୱ.ପ୍ର./ଡି.ଏନ.ଏ.):** କେନ୍ଦୁଝର ଜିଲା ପାଟଣା ବ୍ଲକ ପର୍ଯ୍ୟଟନସ୍ଥଳୀ ଭୀମକୁଣ୍ଡ (ପ୍ରଥମକୁଣ୍ଡ)ରେ ବୁଧବାର ଅପରାହ୍ନରେ ଜଣେ ପର୍ଯ୍ୟଟକ ଗାଧୋଉଥିବା ବେଳେ ଭାସିଯାଇ ନିଖୋଜ ହୋଇଥିବା ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି। ତେବେ ନିଖୋଜ ବ୍ୟକ୍ତି ଜଣଙ୍କ ସମ୍ପର୍କରେ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିପାରି ନାହିଁ। ସୂଚନା ଅନୁଯାୟୀ, ଭୀମକୁଣ୍ଡକୁ ପ୍ରତିଦିନ ବଣଭୋଜି କରିବାକୁ ବିଭିନ୍ନ ସ୍ଥାନରୁ ଲୋକମାନେ ଆସୁଥିବାବେଳେ ବୁଧବାର ବଡ଼ଦିନ ଅବସରରେ ଭୀମକୁଣ୍ଡର ଉଭୟ ପାର୍ଶ୍ୱରେ ଥିବା କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ଅଞ୍ଚଳରେ ବଣଭୋଜି ପାଇଁ ଲୋକମାନଙ୍କ ଭିଡ ଜମିଥିଲା। ଅପରାହ୍ନ ପ୍ରାୟ ୩ଟା ସମୟରେ କେନ୍ଦୁଝର ସୀମାନ୍ତ ଅଞ୍ଚଳରୁ ବଣ ଭୋଜି କରିବାକୁ ଆସିଥିବା କେତେକ ଯୁବକ ସ୍ନାନକୁଣ୍ଡରେ ଗାଧୋଉଥିଲେ। ତାଙ୍କ ମଧ୍ୟରୁ ଜଣଙ୍କର ଗୋଡ଼ ଖସିଯିବାରୁ ପାଣିର ପ୍ରଖର ସ୍ରୋତରେ ଭାସିଯାଇଥିଲେ। ଖବର ଲେଖା ହେବା ସୁଦ୍ଧା ଯୁବକଙ୍କର କୌଣସି ପତ୍ତା ମିଳିନାହିଁ। ପ୍ରତ୍ୟେକ ବର୍ଷ ଭୀମକୁଣ୍ଡରେ ଭାସି ପର୍ଯ୍ୟଟକଙ୍କ ଜୀବନ ହାନି ଘଟୁଥିଲେ ମଧ୍ୟ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉନଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

## ରୋଷେଇ ଗ୍ୟାସ ଟାଙ୍କି ଫାଟି ଅଗ୍ନିକାଣ୍ଡ

**ରୂପ୍‌ସା,୨୫।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ନିମା ଗ୍ରାମର କୈଳାସ ଚନ୍ଦ୍ର ବେହେରାଙ୍କ ରୋଷେଇ ଘରେ ମଙ୍ଗଳବାର ରାତିରେ ଗ୍ୟାସ ଟାଙ୍କି ଫାଟିବାରୁ ଅଗ୍ନିକାଣ୍ଡ ଘଟି ଘର ପୋଡିଯାଇଛି। ବହୁ ଆସବାବପତ୍ର ନିଆଁରେ ପୋଡି ଯାଇଥିବା ବେଳେ ଘର କାନ୍ଥରେ ମଧ୍ୟ ଫାଟ ସୃଷ୍ଟି ହୋଇଛି। ପରିବାର ଲୋକେ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ବସ୍ତା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।










3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ବାଲେଶ୍ୱର, ଗୁରୁବାର, ୨୬ ଡିସେମ୍ବର, ୨୦୧୯



## ସଂକ୍ଷେପରେ

### କମୁନି ପଲିଥିନ ବ୍ୟବହାର

ଚମ୍ପୁଆ,୨୫।୧୨(ଡି.ଏନ.ଏ)- ଚମ୍ପୁଆ ଏନଏସିରେ ସଚେତନ ପରେ ବି ପଲିଥିନ ବ୍ୟବହାର କମୁ ନ ଥିବା ଦେଖିବାକୁ ମିଳିଛି। ଏନଏସି ପକ୍ଷରୁ ବାରମ୍ବାର ଚଢାଉ କରାଯାଉଥିଲେ ମଧ ବିକ୍ରେତା ଓ ବ୍ୟବସାୟୀଙ୍କ ଉପରେ ଏହାର ପ୍ରଭାବ ପଡୁ ନଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଚଳିତ ବର୍ଷ ଅକ୍ଟୋବର ୨ ତାରିଖ ଗାନ୍ଧୀ ଜୟନ୍ତୀଠାରୁ ପରିବେଶକୁ ଦୂଷିତ କରୁଥିବା ପ୍ଲାଷ୍ଟିକ ଓ ପଲିଥିନ୍ ବର୍ଜନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉକ୍ତ ଦିନଠାରୁ ଚମ୍ପୁଆ ବଜାରରେ ଏନଏସି ପକ୍ଷରୁ ବାରମ୍ବାର ଚଢ଼ାଉ କରାଯାଇ ପଲିଥିନ ଜବତ କରାଯିବା ସହ ଫାଇନ ମଧ କରାଯାଇଥିଲା। ମାତ୍ର ଏହାର ପ୍ରଭାବ ବ୍ୟବସାୟ ଓ ବ୍ୟବହାରକାରୀଙ୍କ ଉପରେ ବେଶି ଦିନ ରହି ନ ଥିଲା। ପୁଣି ପୂର୍ବ ଭଳି ପଲିଥିନ ବ୍ୟବହାର ଚାଲିଥିବା ଦେଖିବାକୁ ମିଳିଛି। ଏପରିକି ବିଭିନ୍ନ ୱାର୍ଡରୁ ମଧ କୁଢ କୁଢ ପଲିଥିନ ବାହାରୁ ଥିବା ଦେଖିବାକୁ ମିଳିଛି। ଫଳରେ ସଚେତନତା କେବଳ ନାମକୁ ମାତ୍ର ହୋଇଥିବା ଜଣାଯାଇଛି। ଅନ୍ୟପକ୍ଷରେ ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ ହୋଇଥିବାରୁ ପଡୋଶୀ ଝାଡଖଣ୍ଡ ରାଜ୍ୟରୁ ଏହା ସହଜରେ ଉପଲବ୍ଧ ହେଉଥିବାରୁ ବ୍ୟବସାୟୀମାନେ ତାହା ଆଣି ବିକ୍ରି କରୁଥିବା ଏବଂ ବିଭିନ୍ନ ଖାଦ୍ୟ ପଦାର୍ଥ ମଧ ଦିଆନିଆ କରୁଥିବା ଦେଖାଯାଉଛି। କାଁଭାଁ କେଉଁଠି କାଗଜ ଠୁଙ୍ଗା ବ୍ୟବହାର କରାଯାଉଛି। ବିଶେଷ ଭାବରେ ଆମିଷ ଓ ପରିବା ବିକ୍ରି କ୍ଷେତ୍ରରେ ଏହା ବୃଦ୍ଧି ପାଉଛି। ଏହାକୁ ବ୍ୟବହାର ନ କରିବା ପାଇଁ ସଚେତନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଗଲେ ଏବଂ ଏନଏସି ପକ୍ଷରୁ ଚଢାଉ ଜୋରଦାର କରାଗଲେ ସମସ୍ୟାର ସମାଧାନ ହୋଇ ପାରିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

### ଘଟଗାଁରେ ୫୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ଘଟଗାଁ, ୨୫।୧୨(ଡି.ଏନ୍.ଏ.)- ଘଟଗାଁ ମା' ତାରିଣୀ ପୀଠରେ ବୁଧବାର ବଡ଼ଦିନ ଅବସରରେ ୫୦ ହଜାର ଭକ୍ତଙ୍କ ସମାଗମ ହୋଇଥିବା ଜଣାଯାଇଛି। ଡିସେମ୍ବର ମାସରେ ପର୍ଯ୍ୟଟକମାନେ କେନ୍ଦୁଝର ଜିଲାର ବିଭିନ୍ନ ପ୍ରାକୃତିକ ପରିବେଶ ଉପଭୋଗ ପାଇଁ ତଥା ବଣଭୋଜି ପାଇଁ ଆସିଥିବାବେଳେ ଜିଲାର ଆରାଧ ଦେବୀ ମା' ତାରିଣୀଙ୍କୁ ଦର୍ଶନ କରିବା ସହିତ ବିଭିନ୍ନ ସ୍ଥାନରେ ବଣଭୋଜିର ମଜା ନେଇଥାନ୍ତି। ବୁଧବାର ଏଥିପାଇଁ ଘଟଗାଁ ଅଞ୍ଚଳ ଚଳଚଞ୍ଚଳ ହୋଇଥିଲା। ବଡ଼ିଭୋରୁ ମା'ଙ୍କ ଦର୍ଶନ ପାଇଁ ଲମ୍ବାଧାଡ଼ି ହୋଇଥିଲା। ଟ୍ରଷ୍ଟବୋର୍ଡ ପକ୍ଷରୁ ଭକ୍ତଙ୍କ ଦର୍ଶନ ପାଇଁ ବାରିକେଡ ବ୍ୟବସ୍ଥା ମନ୍ଦିର ପରିସରରେ କରାଯାଇଥିଲା। ସକାଳ ୬ଟାରେ ପହଡ଼ ଖୋଲିବାବେଳେ ହଜାର ହଜାର ଭକ୍ତ ମା'ଙ୍କ ଦର୍ଶନ ପାଇଁ ଅପେକ୍ଷା କରିଥିଲେ। ପୂଜକ ନଟବର ଦେହୁରୀ, ରବୀନ୍ଦ୍ର ଦେହୁରୀ, ଶରତ ଦେହୁରୀ ପ୍ରମୁଖ ମା'ଙ୍କ ବେଶ ଓ ମାଜଣା କରିଥିଲେ। ଅତି ଅଧିକ ଭିଡ଼ ଯୋଗୁ ପ୍ରଶାସନ ପକ୍ଷରୁ ଗାଡ଼ିଗୁଡ଼ିକ ବିଭିନ୍ନ ସ୍ଥାନରେ ପାର୍କିଂ କରାଯାଇଥିଲା। ମନ୍ଦିର ପରିସରରେ ପୋଲିସ ଏସ୍‌ଡିପିଓ ରବୀନ୍ଦ୍ର ମଲ୍ଲିକ, ଥାନା ଅଧିକାରୀ ବନ୍ଦନା ପାତ୍ର, ତହସିଲଦାର ଜନକ ନାୟକ ଉପସ୍ଥିତ ରହିବା ସହିତ ସତ୍ୟସାଇ ସେବା ସଂଗଠନ, ଗାୟତ୍ରୀ ପରିବାର ସଦସ୍ୟ, ମନ୍ଦିର କର୍ମଚାରୀ ଭକ୍ତଙ୍କ ଶୃଙ୍ଖଳା ଦର୍ଶନ କରାଇଥିଲେ। ଟ୍ରଷ୍ଟବୋର୍ଡ ପକ୍ଷରୁ ସଭାପତି ରାଜେନ୍ଦ୍ର ପଟ୍ଟନାୟକ, ସଦସ୍ୟ ଆନନ୍ଦ ଚନ୍ଦ୍ର ସିଂହ, ନିର୍ମଳ ମହାନ୍ତି, ଦୟାନିଧି ମହାନ୍ତଙ୍କ ତତ୍ତ୍ୱାବଧାନରେ ଅପରାହ୍ନ ପର୍ଯ୍ୟନ୍ତ ଭକ୍ତଙ୍କ ଦର୍ଶନ ବ୍ୟବସ୍ଥା କରିଥିଲେ। ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ ମନ୍ଦିର ପରିସରରେ ଭଜନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘଟଗାଁ ନିକଟସ୍ଥ ଗୁଣ୍ଡିଚାଘାଗି ଜଳପ୍ରପାତଠାରେ ପର୍ଯ୍ୟଟକଙ୍କ ଗହଳ ଚହଳ ରହିଥିଲା।

### ବାଜପେୟୀଙ୍କ ଜୟନ୍ତୀରେ କବିତା ପାଠୋତ୍ସବ

କେନ୍ଦୁଝର, ୨୫।୧୨(ସ୍ୱ.ପ୍ର.)-ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ୯୬ ତମ ଜନ୍ମଦିବସ ଉପଲକ୍ଷେ କେନ୍ଦୁଝର ଭାଜପା ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ରୋଟାରୀ ଭବନ ଠାରେ କାବ୍ୟାଞ୍ଜଳୀ କାର୍ଯ୍ୟକାରୀ ସମିତି ପକ୍ଷରୁ ଏକ କବିତା ପାଠୋତ୍ସବ ଆୟୋଜନ ହୋଇଥିଲା। ଅଖିଳ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ କବି ଓ ପ୍ରବଚକ ଭାବଗ୍ରାହୀ ମହାନ୍ତ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବରେ ଡ. ଧିରେନ ମହାନ୍ତି ଯୋଗଦେଇଥିବା ବେଳେ ବରେଣ୍ୟ ଅତିଥି ଭାବରେ ସଦର ବିଧାୟକ ମୋହନ ଚରଣ ମାଝୀ ଯୋଗଦେଇଥିଲେ।

ଖାଁ ଖାଁ ଲାଗୁଛି ଆନନ୍ଦପୁର ମଧୁବନ ଜଙ୍ଗଲ

# ଆଉ ଦେଖିବାକୁ ମିଳୁନି ବଡ଼ଦିନର ବଣଭୋଜି

ସନ୍ତୋଷ ରାଉତ
ଆନନ୍ଦପୁର, ୨୫।୧୨

ଖାଁ ଖାଁ ଲାଗୁଛି ଆନନ୍ଦପୁର ମଧୁବନ ଜଙ୍ଗଲ। କେହି କେହି ଏହାକୁ ନୂତନ ଜଙ୍ଗଲ ବୋଲି ମଧ କହିଥାନ୍ତି। ବଡ଼ ଦିନ ଭଳି ପର୍ବରେ ଏଠାରେ ଆଉ ଭୋଜି ଭାତର ଆସର ଦେଖିବାକୁ ମିଳୁନି। ଦିନ ଥିଲା, ଏଠାରେ ବଡ଼ ଦିନ ହେଉକି ନୂଆ ବର୍ଷ ହେଉ ଅବା ଖୁସିବାସିଆ ହେଉ ଏଠାରେ ବଣ ଭୋଜିର ଭିଡ଼ ଜମାଣିଆ ହୋଇଥାଏ।

ଆନନ୍ଦପୁର ଉପକାରଗାର ନିକଟସ୍ଥ ବୈତରଣୀ ନଦୀ କୂଳରେ ଥିବା ମଧୁବନର ସ୍ମୃତି ଏବେ ଲିଭିଗଲାଣି। ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି କଲେଜ କିମ୍ବା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ବଣ ଭୋଜିର ମଜା ନେବା ପାଇଁ ପ୍ରାଥମିକତା ଭିତ୍ତିରେ ମଧୁବନକୁ ହିଁ ଖୋଜା ଯାଇଥାଏ। ଆକାଶିଆ ଗଛରେ ଭରପୂର ମଧୁବନ ଜଙ୍ଗଲକୁ ସଂଲଗ୍ନ ଆନନ୍ଦପୁର ପୁଣ୍ୟତୋୟା ବୈତରଣୀ ନଦୀର ଶୋଭା


ଖାଁ ଖାଁ ଆନନ୍ଦପୁର ମଧୁବନ ଜଙ୍ଗଲ।

ସମସ୍ତଙ୍କୁ ଆକୃଷ୍ଟ କରିଥାଏ। ନୂଆବର୍ଷର ଆଗମନ ହେଉକି ଡିସେମ୍ବର ୨୫ ବଡଦିନର ଆସର ହେଉ ସବୁ ବର୍ଗର ଲୋକ ତଥା ପିଲାମାନଙ୍କ ପାଇଁ ଏହା ବଣଭୋଜିର ଏକ ଉପଯୁକ୍ତ ସ୍ଥାନ ଭାବେ ବଛାଯାଇଥାଏ। ଆନନ୍ଦପୁର ସହରର ଅତି ନିକଟରେ ଏହି ସୌନ୍ଦର୍ଯ୍ୟପୂର୍ଣ୍ଣ ସ୍ଥାନଟି ରହିଥିବାରୁ ସ୍ଥାନୀୟ ଲୋକଙ୍କ ସହିତ ବାହାର ଅଞ୍ଚଳର ଲୋକମାନଙ୍କର ବି ବେଶ ଭିଡ ଲାଗିରହିଥାଏ। ପିକ୍‌ନିକ୍ ସିଜନ୍‌କୁ ଛାଡିଦେଲେ ବି ବର୍ଷ ସାରା ବିଭିନ୍ନ କାର୍ଯ୍ୟକ୍ରମ ଅବସରରେ ମଧ ଏଠାରେ ଭୋଜି ଭାତର ଆସର ବେଶ ଧୁମ୍‌ଧାମରେ ପାଳନ କରାଯାଇଥାଏ। ଏବେ ଏହି ମଧୁବନର ଦୃଶ୍ୟ ଇତିହାସ ପାଲଟିଗଲାଣି। ନା ତା'ର ଶୋଭାରାଜି ଏବେ ଦୃଶ୍ୟମାନ ହେଉଛି, ନା ଶୋଭାରାଜି ପ୍ରତି ଆକୃଷ୍ଟ ହେଉଥିବା ଲୋକମାନଙ୍କର ଦେଖାମିଳୁଛି। ଏବେ ଏହା ଟାଙ୍ଗରା ଭୂଇଁରେ ପରିଣତ ହେଲାଣି। ସେଠାରେ ଆଉ ପୂର୍ବଭଳି ଆକାଶିଆ ଗଛର ମନୋରମ ଦୃଶ୍ୟ ନାହିଁ କି ବୈତରଣୀ ନଦୀ ତଟରେ ଥିବା ଶୋଭାରାଜିର ଦୃଶ୍ୟ ମଧ ଦେଖାନାହିଁ। ଏହା ଏବେ ଆନନ୍ଦପୁରବାସୀ ତଥା ଆଖପାଖ ଅଞ୍ଚଳବାସୀଙ୍କ ପାଇଁ ଇତିହାସ ପାଲଟିଗଲାଣି। ସଂପୃକ୍ତ ସ୍ଥାନରେ ଆନନ୍ଦପୁର ବୈତରଣୀ ନଦୀରେ ବ୍ୟାରେଜ ହେବା ଦିନ ଠାରୁ ମଧୁବନ ଏବେ ଶ୍ରୀହୀନ ହୋଇଯାଇଛି। ପୂର୍ବରୁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିବା ମଧୁବନ ଏବେ ଆଲୋଡା ହୋଇଯାଇଛି। ହୁଏତ ବ୍ୟାରେଜ ପ୍ରକଳ୍ପ କାର୍ଯ୍ୟ ଶେଷ ହେବାପରେ ଏହା ପୁନର୍ବାର ଦର୍ଶକମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇପାରେ ବୋଲି କୁହାଯାଉଛି।

ବଡ଼ଦିନ ଉପଲକ୍ଷେ ସବୁଠି ଉତ୍ସବମୁଖର

## ବିଭିନ୍ନ ଚର୍ଚ୍ଚରେ ସୁରକ୍ଷା କଡ଼ାକଡ଼ି

କେନ୍ଦୁଝର, ୨୫।୧୨(ସ୍ୱ.ପ୍ର.)

ବଡଦିନ ଉପଲକ୍ଷେ ଜିଲାର ସମସ୍ତ ପର୍ଯ୍ୟଟନ କେନ୍ଦ୍ରରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଛି। ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ମାନେ ଆସି ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ର ବୁଲି ବଣପାହାଡ଼ ଘେରାର ପ୍ରାକୃତିକ ସୌନ୍ଦର୍ଯ୍ୟ ରାଶିକୁ ଉପଭୋଗ କରିବା ସହ ଭୋଜିଭାତ ଏବଂ ନାଚଗୀତ କରି ଫେରିଛନ୍ତି । ସେଭଳି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ସେହିପରି ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ବଡ଼ଦିନ ଉପଲକ୍ଷେ ଜିଲାର ବିଭିନ୍ନ ସ୍ଥାନରେ ଥିବା ଚର୍ଚ୍ଚ ଗୁଡିକରେ ବିଭିନ୍ନ ପ୍ରକାରର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚର୍ଚ୍ଚ ଗୁଡିକ ରଙ୍ଗବେରଙ୍ଗ ଆଲୋକ ଓ ତୋରଣରେ ସୁସଜ୍ଜିତ କରାଯାଇଥିବା ବେଳେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖ୍ରୀଷ୍ଟ ଧର୍ମାବଲମ୍ବୀ ମାନେ ପ୍ରଭୁ ଯିଶୁଙ୍କ ଆରାଧନା କରିବା ସହ ନାଚଗୀତ କରି ସୁସ୍ୱାଦୁ ଖାଦ୍ୟ ପରିବେଷଣ କରି କଟାଇଛନ୍ତି। ଅଘଟଣ ଏଡାଇବାକୁ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି ।

## ମହିଳାଙ୍କ ଉପରେ ଚଢ଼ିଗଲା କାର

ପାଟଣା, ୨୫।୧୨(ସ୍ୱ.ପ୍ର.)

ପାଟଣା ବ୍ଲକ ବାଉଁଶୁଳି ଗ୍ରାମର ମହାନ୍ତ ସାହିରେ ବୁଧବାର ଅପରାହ୍ନରେ ଶକୁନ୍ତଳା ମହାନ୍ତ ନାମ୍ନୀ ଜଣେ ମହିଳାଙ୍କ ଉପରେ ଜଣେ ଗାଡି ଚାଳକ କାର ଚଢାଇ ଦେବାରୁ ସେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ମହିଳା ଜଣକ ଘର ସମ୍ମୁଖରେ ଛିଡା ହୋଇଥିବା ବେଳେ ବାଉଁଶୁଳି ସିଲିଟିଆ ରାସ୍ତାରେ ଯାଉଥିବା ଏକ ଇଣ୍ଡିଗୋ କାର ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ଘଟଣା ସ୍ଥଳରେ ସେ ଗୁରୁତର ହୋଇ ପଡ଼ିଥିଲେ। ତାଙ୍କୁ ପ୍ରଥମେ କେନ୍ଦୁଝର ଜିଲା ଚିକିତ୍ସାଳୟ ଓ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ତୁରୁମୁଙ୍ଗା ଥାନା ଅଧିକାରୀ ବରେନ୍ଦ୍ର ଶିଆଳ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିଛନ୍ତି। ତେବେ ଦୁର୍ଘଟଣା ଘଟାଇ ଥିବା ଗାଡି ଚାଳକ ଘଟଣା ସ୍ଥଳରୁ ଫେରାର ହୋଇ ଯାଇଛନ୍ତି।

## ଦୁଇ ମାସ ହେଲା ଡାକସେବା ବନ୍ଦ


ଢେଙ୍କିକୋଟରେ ବନ୍ଦ ଥିବା ଡାକଘର।

ଢେଙ୍କିକୋଟ, ୨୫।୧୨(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଢେଙ୍କିକୋଟ। ଏଠାରେ ଡାକ ବିଭାଗ ତରଫରୁ ଏକ ଉପ ଡାକଘର ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହିଅଛି। ଏହି ଉପଡାକଘର ଅଧୀନରେ ଘଟଗାଁ ବ୍ଲକ ଏବଂ ପାଟଣା ବ୍ଲକର ୧୩ଟି ବ୍ରାଞ୍ଚ ପୋଷ୍ଟ ଅଫିସ୍ ରହିଅଛି। ମାତ୍ର ଗତ ନଭେମ୍ବର ୧ ତାରିଖଠାରୁ ଏହି ଉପଡାକଘର ଏବଂ ଶାଖା ଡାକଘର ଉପରେ ନିର୍ଭର କରି ଚଳୁଥିବା ଜନସାଧାରଣ ସେବା ପାଇବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯାହାଫଳରେ କି ପୋଷ୍ଟ ଅଫିସ୍‌ରେ ଜମା କିମ୍ବା ଜମା ଥିବା ଟଙ୍କା ବାହାର କରି ନ ପାରି ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏ ସମ୍ପର୍କରେ ଉପ ଡାକଘର ମାଷ୍ଟର ଗୁରୁଗୋବିନ୍ଦ ନାଏକଙ୍କୁ ପଚାରିବାରୁ ନଭେମ୍ବର ୧ ତାରିଖ ଅପରାହ୍ନରେ ହଠାତ୍ ଡାକଘରର ଲିଙ୍କ ଫେଲ୍ ହୋଇଯାଇଥିଲା। ମାତ୍ର ଏ ସମ୍ପର୍କରେ କେନ୍ଦୁଝର ଜିଲା ଡାକ ବିଭାଗର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଅବଗତ କରିଥିଲୁ। ସେ ମଧ ଅବଗତ ହୋଇ ସମ୍ବଲପୁର ଡାକ ବିଭାଗୀୟ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ଅବଗତ କରାଇଥିଲେ ଏବଂ ଆମ ଡାକଘରକୁ ଆସି ଏହାର ତଦନ୍ତ କରି ଯାଇଛନ୍ତି। ମାତ୍ର ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ। ବହୁଦିନ ଲୋକମାନେ ଚିଠିପତ୍ର ପାଇ ପାରି ନ ଥିଲେ। ଫଳରେ ବହୁତ ଅସୁବିଧା ହୋଇଥିଲା। ଏବେ ଆମ୍ଭେ ମାନୁଆଲ ଚିଠିପତ୍ରଗୁଡ଼ିକ ଖାତାରେ ଲିଖିତ ଭାବେ ଲେଖି ବିତରଣ କରୁଛୁ। ଲୋକମାନେ ଡିପୋଜିଟ୍ କିମ୍ବା ଟଙ୍କା ଉଠାଣ କିମ୍ବା ଟଙ୍କା ଫିକ୍ସଡ୍ ଡିପୋଜିଟ୍ କରିପାରୁ ନ ଥିବାବେଳେ ଫିକ୍ସି ଡିପୋଜିଟ୍‌ର ମିଆଦ ପୂରିଯାଇଥିଲେ ମଧ ସେମାନେ ତାଙ୍କର ଟଙ୍କା ଫେରି ନ ପାଇ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଢେଙ୍କିକୋଟ ପୋଷ୍ଟ ଅଫିସ୍ ଦୀର୍ଘ ୨ମାସ ଅଚଳ ହୋଇ ରହିଥିବାବେଳେ ଏଥିପ୍ରତି ଡାକ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି। ନଚେତ୍ ସାଧାରଣ ଲୋକେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ଅସହାୟଙ୍କୁ ଖାଦ୍ୟ, ଶୀତବସ୍ତ୍ର ପ୍ରଦାନ

କେନ୍ଦୁଝର,୨୫।୧୨(ସ୍ୱ.ପ୍ର.)

ବର୍ତ୍ତମାନ ଚାଲିଛି ବଣ ଭୋଜି ଋତୁ। ପ୍ରାୟ ସମସ୍ତେ ନାଚଗୀତରେ ମସ୍‌ଗୁଲ। କିନ୍ତୁ ଏମିତି କିଛି ଲୋକ ଅଛନ୍ତି ଯେଉଁମାନଙ୍କ ପାଇଁ ବଣଭୋଜି ଏକ ସ୍ୱପ୍ନ। କେନ୍ଦୁଝର ନିକଟସ୍ଥ ସାନଘାଗରା ଏବଂ ବଡ଼ ଘାଗରା ପ୍ରସିଦ୍ଧ ଭୋଜି କରିବାକୁ ପର୍ଯ୍ୟଟନସ୍ଥଳୀ ରହିଛି। ଯେଉଁଠିକୁ ସାରା ଓଡ଼ିଶାରୁ ବିଭିନ୍ନ ପ୍ରାନ୍ତରୁ ଛୁଟି ଆସିଥାନ୍ତି ଅନେକ ପର୍ଯ୍ୟଟକ। ସେମାନଙ୍କର ବଳକା ଖାଦ୍ୟ ପାଇବାର ଆଶା ରଖି ନିକଟସ୍ଥ ଗାଁ ଗୁଡ଼ିକର ଗରିବ ଶ୍ରେଣୀର ଲୋକ ବାସନ ସଫା କରିଥାନ୍ତି। ସେମାନଙ୍କ ମୁହଁରେ ଟିକିଏ ହସ ଫୁଟାଇବା ପାଇଁ ଆଜି କେନ୍ଦୁଝରର ଏକ ସ୍ୱେଚ୍ଛାସେବୀ ହ୍ୟାଣ୍ଡ ଫର ହେଲପ ଅନୁଷ୍ଠାନରୁ ଏକ ନିଆରା ଢଙ୍ଗରେ ବଡ଼ଦିନ ପାଳନ କରାଯାଇଛି। ଗଣମାଧ୍ୟମ ପ୍ରତିନିଧି ମଗନ କୁମାର ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠାନର ସଦସ୍ୟଗଣ ମିଳିତ ଉଦ୍ୟମରେ ବଡ଼ ଘାଗରା ନିକଟସ୍ଥ କଣ୍ଟାକୋଳି ଗ୍ରାମରେ ପହଞ୍ଚି ବୃଦ୍ଧାବୃଦ୍ଧ ତଥା ଅସହାୟଙ୍କୁ ଭେଟି ସେମାନଙ୍କ ସହିତ ସୁଖଦୁଃଖ ବାଣ୍ଟିଥିଲେ। ଏହି ଅବସରରେ ସେମାନଙ୍କୁ ଖାଦ୍ୟ ଏବଂ କମ୍ବଳ ବଣ୍ଟନ କରାଯାଇଛି। ୫୦ଟି କମ୍ବଳ ସହ ଶିଶୁମାନଙ୍କ ନୂତନ ବସ୍ତ୍ର ଓ ଶୀତବସ୍ତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ଅନୁଷ୍ଠାନର ସଦସ୍ୟ ବିଜୟ କୁମାର ବେହେରା, ମାନସ ରଞ୍ଜନ ପଣ୍ଡା, ସୁବାସ ସାହୁ, ରଜନୀ କାନ୍ତ ଦାସ, ଭାଗୀରଥି ମହାପାତ୍ର ପ୍ରକାଶ କରିଛନ୍ତି।

## ସହାୟତା ଅପେକ୍ଷାରେ ବିତୁଛି ଦିନ

ଘସିପୁରା, ୨୫।୧୨ (ଡି.ଏନ.ଏ.)

ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାରକୁ ଦଇବ ସାହା

ଘସିପୁରା ବ୍ଲକ ଅନ୍ତର୍ଗତ ସାଇଁକୁଳ ଗ୍ରାମର ଅନୀତା ସେଠୀ। ଦୀର୍ଘଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ହୋଇ ସ୍ୱାମୀଙ୍କ ସାହାରାରେ ନିଜ ଏକମାତ୍ର ପୁଅକୁ ଧରି ଖଣ୍ଡିଏ ଭଙ୍ଗା କୁଡ଼ିଆରେ ଦାରିଦ୍ର୍ୟତାର ତାଡ଼ନାରେ ଦୁଃଖେକଷ୍ଟେ ଜୀବନ ଅତିବାହିତ କରି ଆସୁଥିଲେ। ଗତ ସପ୍ତାହରେ ପକ୍ଷାଘାତ ରୋଗରେ ଆକ୍ରାନ୍ତ ଥିବା ତାଙ୍କ ସ୍ୱାମୀ ଶଶୀଭୂଷଣଙ୍କ ମୃତ୍ୟୁ ହେବା ପରେ ଅନୀତାଙ୍କ ମୁଣ୍ଡରେ ସତେ ଯେପରି ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି। ଫଳରେ ଏବେ ଏହି ପରିବାର ବେସାହାରା ହୋଇ ପଡ଼ିଥିବା ଦେଖିବାକୁ ମିଳିଛି। ଏପରି କି ସ୍ୱାମୀଙ୍କ କ୍ରିୟାକର୍ମ କରିବା ପାଇଁ ମଧ ଅନିତା ଆର୍ଥିକ ସ୍ତରରେ ଅକ୍ଷମ। ସ୍ୱାମୀଙ୍କ ମୃତ୍ୟୁ ପରେ ଦୁଇ ଓଳି ଦୁଇମୁଠା କିଭଳି ଖାଇ ନିଜେ ବଞ୍ଚିବେ ଓ ସପ୍ତମ ଶ୍ରେଣୀରେ ପାଠ ପଢୁଥିବା ଏକମାତ୍ର ପୁଅକୁ ଭଲ ମଣିଷ କରିବେ ସେହି ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। ଅନୀତାଙ୍କ ଦୁଃଖ ଖାଲି ଏତିକିରେ ସରିନି। ପ୍ରଶାସନିକ ଉଦାସୀନତା ମଧ ଏହି ପରିବାର ଉପରେ ଦାଉ ସାଧିଛି।


ବିପଦ ସଙ୍କୁଳ ଅନୀତାଙ୍କ ଘର।

ସରକାରଙ୍କ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇଁ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ସ୍ତରରେ, ଏପରି କି ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ମଧ ମୃତ୍ୟୁ ପୂର୍ବରୁ ସ୍ୱାମୀ ଶଶୀଭୂଷଣ ବହୁ ଗୁହାରି କରିଥିଲେ। ମାତ୍ର ଜୀବନ ଚାଲିଗଲା ସିନା ଏପର୍ଯ୍ୟନ୍ତ ଘର ଖଣ୍ଡିଏ ମିଳିପାରିଲା ନାହିଁ ତାଙ୍କ ପରିବାରକୁ। ସ୍ୱାମୀ ବଞ୍ଚିଥିବାବେଳେ ଟ୍ୟୁଶନ କରି କ୍ୟାନସର ବାବଦରେ ସ୍ତ୍ରୀ ଅନୀତାଙ୍କ ଔଷଧ ଖର୍ଚ୍ଚ ତୁଲାଇବା ସହ ବହୁକଷ୍ଟରେ ପରିବାର ପ୍ରତିପୋଷଣ କରୁଥିଲେ। ସ୍ୱାମୀଙ୍କ ମୃତ୍ୟୁ ପରେ କ୍ୟାନସର ପୀଡ଼ିତା ଅନୀତା ଓ ତାଙ୍କ ପୁଅକୁ ସତେ ଯେପରି ଏବେ ଦଇବ ସାହା। ଅପରପକ୍ଷେ ଆବାସ ଯୋଜନାରେ ଘର ମିଳି ନ ପାରିବା ସମ୍ପର୍କରେ ଆମେ ପଞ୍ଚାୟତ ନିର୍ବାହୀ ଅଧିକାରୀ ରଘୁ ରାଉତଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସାମାଜିକ ଅର୍ଥନୀତି ତାଲିକାରେ ନାମ ନ ଥିବାରୁ ଉକ୍ତ ପରିବାରକୁ ସରକାରଙ୍କ ଆବାସ ଯୋଜନା ମିଳି ପାରୁ ନଥିବା ସେ କହିଛନ୍ତି।

## ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା: ଯୁବକ ଗିରଫ

ଚମ୍ପୁଆ, ୨୫।୧୨(ଡି.ଏନ.ଏ.)

ଚମ୍ପୁଆ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଓ ପରେ ପ୍ରତାରଣା କରିବାରୁ ସୁବନ କିସାନ ନାମକ ଜଣେ ଯୁବକଙ୍କୁ ଚମ୍ପୁଆ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ଅନୁସାରେ ନାରଦପୁର ଠାରେ ରାଜରାସ୍ତା ମରାମତି ରାସ୍ତାରେ ଏକ ବେସରକାରୀ ପପଲେନ ଗାଡିର ହେଲପର ଭାବେ କାର୍ଯ୍ୟ କରୁଥିଲେ। ସେ ନିଜ ନାମକୁ ସଞ୍ଜୟ ନାଏକ ଓ ଘର ସମ୍ବଲପୁର ଅଞ୍ଚଳର ବୋଲି ମିଥ୍ୟା କହି ଚମ୍ପୁଆ ଅଞ୍ଚଳର ଏକ ନାବାଳିକ ଝିଅଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିବା ଦ୍ୱାରା ନାବାଳିକା ଜଣକ ଗର୍ଭବତୀ ହେବା ଜାଣି ତାଙ୍କୁ ପ୍ରତାରଣା କରିବାରୁ ନାବାଳିକା ଜଣଙ୍କ ଚମ୍ପୁଆ ଥାନାର ଦ୍ୱାରସ୍ଥ ହୋଇଛି । ଏନେଇ ଚମ୍ପୁଆ ଥାନା ପକ୍ଷରୁ ଏକ ମାମଲା (ନଂ.୧୭୨/୨୦୧୯) ରୁଜୁକରି ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତଙ୍କୁ ଚମ୍ପୁଆ ପୋଲିସ ଗିରଫ କରି କୋର୍ଟ ପଠାଇଥିବା ଆଇଆଇସି ମନୋରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## ୩୦୦ ଲୋକଙ୍କୁ 'ଆହାର' କିଣିଦେଲେ ତହସିଲଦାର


ଆହାରକେନ୍ଦ୍ରରେ ଲୋକଙ୍କ ସହ ଆହାର ଖାଉଛନ୍ତି ତହସିଲଦାର।

ଚମ୍ପୁଆ, ୨୫।୧୨(ଡି.ଏନ.ଏ.)

ପବିତ୍ର ବଡ଼ଦିନ ଅତି ଧୁମ୍‌ଧାମରେ ପାଳିତ ହେଉଥିବାବେଳେ ସବୁବର୍ଗର ଲୋକମାନେ ଭୋଜିଭାତ ଦ୍ୱାରା ଏହି ଦିନକୁ ଉପଭୋଗ କରୁଛନ୍ତି । ମାତ୍ର ଚମ୍ପୁଆ ତହସିଲଦାରଙ୍କ ନିଆରା ପଦକ୍ଷେପ ଏବେ ଚମ୍ପୁଆରେ ଚର୍ଚ୍ଚାର କାରଣ ପାଲଟିଛି । ଏହି ନିଆରା ପ୍ରୟାସ ତହସିଲଦାରଙ୍କ ଉଦାରଚେତା ମାନସିକତାକୁ ପ୍ରମାଣ ଦେଇଛି । ସୂଚନା ଅନୁସାରେ ଚମ୍ପୁଆ ତହସିଲଦାର ଆଲୋକ କୁମାର ପଟେଲ ବଡ଼ଦିନ ଉପଲକ୍ଷେ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପଟେଲ ଆହାର କେନ୍ଦ୍ରର ୩୦୦ 'ଆହାର'କୁ ଅସହାୟ ଗରିବ ଲୋକଙ୍କୁ ବାଣ୍ଟିବା ସହ ତାଙ୍କ ସହ ବସି ଖାଦ୍ୟ ଖାଇଛନ୍ତି । ପ୍ରତିଦିନ ଏନଏସି ପକ୍ଷରୁ ମୋଟ ୩୦୦ଟି ମିଲ ଗରିବ ଓ ଅସହାୟମାନଙ୍କୁ ୫ଟଙ୍କା ଦରରେ ଯୋଗାଇ ଦିଆଯାଉଥିବା ବେଳେ ପଟେଲ ଏହି ସମସ୍ତ ମିଲର ଅର୍ଥ ପଇଠ କରିବା ସହିତ ଲୋକଙ୍କ ସହ ବସି ଆହାର ଖାଇଛନ୍ତି । ଆହାର କେନ୍ଦ୍ରର ଖାଦ୍ୟ ଉଚ୍ଚକୋଟିର ବୋଲି ପ୍ରତିକ୍ରିୟା ପ୍ରକାଶ କରିବା ସହିତ ଜନ୍ମଦିନ, ବିବାହ ବାର୍ଷିକୀ ଏବଂ ବିଭିନ୍ନ ଶୁଭ କାର୍ଯ୍ୟ ଗୁଡିକରେ ଲୋକମାନେ ଏହି ଗରିବ ଅସହାୟଙ୍କୁ ପ୍ରଦାନ କରିବାକୁ ଆହ୍ୱାନ ଦେଇଛନ୍ତି । ତହସିଲଦାରଙ୍କର ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି ।

ଉଦ୍‌ଘାଟନର ୩ ମାସ ମଧ୍ୟରେ ବେହାଲ ଅବସ୍ଥା

## କାମରେ ଲାଗୁନି ସର୍ବସାଧାରଣ ଶୌଚାଳୟ

ଉଦଳା,୨୫।୧୨(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ନିର୍ମାଣ କରାଯାଇଥିବା କେତେକ ସର୍ବସାଧାରଣ ଶୌଚାଳୟ ଅବ୍ୟବହୃତ ହୋଇ ପଡିରହିବା ସହ କାମରେ ଲାଗୁ ନ ଥିବା ଅଭିଯୋଗ ହେଉଛି। ଏହି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ୧୨ ଟି ୱାର୍ଡ ରହିଛି। ସହରର ମୁଖ୍ୟ ରାସ୍ତାଗୁଡିକ ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ତାର ରକ୍ଷଣାବେକ୍ଷଣ ଏବଂ ଡ୍ରେନେଜ୍ ବ୍ୟବସ୍ଥା ପୂର୍ତ୍ତ ବିଭାଗ ହିଁ ବୁଝାଶୁଝା କରିଥାଏ । ହେଲେ ସହରର ସାଧାରଣ ଲୋକଙ୍କ ପାଇଁ ଆବଶ୍ୟକ ଥିବା ଶୌଚାଳୟଗୁଡିକର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗତ ୩ ମାସ ପୂର୍ବରୁ ଉଦଳା ହାଇସ୍କୁଲ ଛକ, ମେଡିକାଲ ରୋଡ, ୫ ଏବଂ ୧୧ ନଂ. ୱାର୍ଡରେ ବ୍ୟୟବହୁଳ ଅଟ୍ଟକଳରେ ସର୍ବସାଧାରଣଙ୍କ ନିମନ୍ତେ ନୂତନ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ପର୍ଯ୍ୟଟନ ଋତୁରେ ସହରରେ ଥିବା ଏହି ଶୌଚାଳୟଗୁଡିକ କାମରେ



ଉଦଳା ହାଇସ୍କୁଲ ଛକ ନିକଟରେ ଥିବା ଶୌଚାଳୟ।

ଆସୁ ନ ଥିବା ଅଭିଯୋଗ ହୋଇଛି । ଉଦଳା ହାଇସ୍କୁଲ ଛକ ଶୌଚାଳୟରେ ଆବଶ୍ୟକୀୟ ପାଣି ନ ଥିବା କାରଣରୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକମାତ୍ର ୫ ହଜାର ଲିଟର ବିଶିଷ୍ଟ ପାଣିଟାଙ୍କିରେ ସୀମିତ ରହିଛି ଏହି ସର୍ବସାଧାରଣ ଶୌଚାଳୟ। ୨୦ରୁ ୨୫ ଜଣ ବ୍ୟକ୍ତି ଶୌଚାଳୟକୁ ଶୌଚ ହେବାକୁ ଗଲେ ଆବଶ୍ୟକୀୟ ପାଣି ଖୋଜିବାକୁ ପଡ଼ିଥାଏ । ଉଲ୍ଲେଖଯୋଗ୍ୟ ଯେ, ପିକନିକ୍ ଋତୁରେ ଉଦଳା ସହରଠାରୁ ମାତ୍ର ୨୫ କି.ମି ଦୂରରେ ଥିବା ଦେବକୁଣ୍ଡ ପର୍ଯ୍ୟଟନସ୍ଥଳୀକୁ ଦୈନନ୍ଦିନ ବହୁ ସଂଖ୍ୟକ ପର୍ଯ୍ୟଟକ ଆସୁଛନ୍ତି। ସେମାନେ ଶୌଚାଳୟରେ ନିତ୍ୟକର୍ମ ସାରି ପର୍ଯ୍ୟଟନସ୍ଥଳୀକୁ ଯିବା ନିମନ୍ତେ ଚାହୁଁଥିବା ବେଳେ ଅବ୍ୟବସ୍ଥା ଯୋଗୁ ଅସନ୍ତୋଷ ପ୍ରକାଶ କରି ଫେରୁଥିବା ଦେଖିବାକୁ ମିଳୁଛି। ସେହିପରି ମେଡିକାଲ ରୋଡ, ୫ ଏବଂ ୧୧ ନଂ. ୱାର୍ଡରେ ନିର୍ମାଣ ହୋଇଥିବା ଶୌଚାଳୟଗୁଡିକକୁ କୌଣସି ପର୍ଯ୍ୟଟକ ଯାଇ ନ ଥାନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ବିଦ୍ୟାଧର ଦଣ୍ଡପାଟଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି ଓ ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।